## ସଂକ୍ଷେପରେ

### ୫ ନାବାଳକଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର ଅଫିସ,୨୯।୫: ବଡବଜାର ପୋଲିସ ବୁଧବାର ୫ ଜଣ ନାବାଳକଙ୍କୁ ଚୋରି ଅଭିଯୋଗରେ ଧରିଛି। ସେମାନଙ୍କ ନିକଟରୁ ୩ ମୋବାଇଲ ଫୋନ, ୨ ଟି ବ୍ଲୁଟୁଥ ଓ ୫ ଇଅର ଫୋନ ଜବତ କରିଛି । ମାମଲା ନଂ. ୮୭/୧୯ ଅନୁସାରେ ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ପୂର୍ବରୁ ଉକ୍ତ ନାବାଳକ ଗ୍ୟାଙ୍ଗକୁ ଅନ୍ୟ ଏକ ଚୋରି ଅଭିଯୋଗରେ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଯାଇଥିଲା। ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଧରାପଡି ନ ଥିବା ପୋଲିସ ସୂଚନା ଦେଇଛି । ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ଲାଲା ସାହିରେ ଥିବା ଏକ ମୋବାଇଲ ଫୋନ ଦୋକାନରୁ ଗତ ୨୩ ତାରିଖ ବିଳମ୍ବିତ ରାତିରେ ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଦୋକାନ ମାଲିକ କାଳିଆ ସାହୁ ଏ ନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିବା ନେଇ ଥାନାଧିକାରୀ ଭୂପତି କହିଛନ୍ତି ।

### ବାଣ ଫୁଟାଇବାକୁ ନେଇ ଗଣ୍ଡଗୋଳ ଘଟଣା
### ପୃଥକ୍ ମାମଲାରେ ୨ ଗିରଫ

ବ୍ରହ୍ମପୁର ଅଫିସ,୨୯।୫: ଗତ ୨୩ ତାରିଖ ସାଧାରଣ ନିର୍ବାଚନ ଫଳ ଘୋଷଣା ହେବା ପରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀଙ୍କର ଜଣେ ସମର୍ଥକ ଯୋଗିଆପଲ୍ଲୀର ପିଣ୍ଟୁ ପଣ୍ଡା ତାଙ୍କ ଘର ଆଗରେ ବାଣ ଫୁଟାଇବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଥିଲା । ବାଣ ଫୁଟାଇ ଝଗଡ଼ା କରୁଛ କହି ପିଣ୍ଟୁଙ୍କୁ ତାଙ୍କ ସାହିର ବି. ରମେଶ ପାତ୍ରଙ୍କ ଶଳା ବି. ସନ୍ତୋଷ ପାତ୍ର ଲୁହାରଡ଼ରେ ଆକ୍ରମଣ କରିଥିଲେ । ଏହି ଅଭିଯୋଗରେ ସଦର ଥାନା ପୋଲିସ ମାମଲା ନଂ ୧୩୨/୧୯ରେ ସନ୍ତୋଷଙ୍କୁ ବୁଧବାର ଗିରଫ କରିଛି । ସେହିପରି ବାଣ ଫୁଟାଇବା ବେଳେ ବାଣ ଠୁକୁଡ଼ା ରମେଶଙ୍କ ଦେହରେ ବାଜିବାରୁ ସେ ଆହତ ହୋଇଥିଲେ । ପରେ ରମେଶଙ୍କ ଅଭିଯୋଗରେ ପୋଲିସ ମାମଲା ନଂ. ୧୩୧/୧୯ରେ ପିଣ୍ଟୁଙ୍କୁ ବୁଧବାର ଗିରଫ କରିଛି । ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଶତପଥୀ ସୂଚନା ଦେଇଛନ୍ତି ।

### କାରରୁ ମଦ ଜବତ ଘଟଣା: ଫେରାର ଡ୍ରାଇଭର ଗିରଫ

ବ୍ରହ୍ମପୁର ଅଫିସ,୨୯।୫: ସାଧାରଣ ନିର୍ବାଚନ ସମୟରେ ମଦ କାରବାର ବନ୍ଦ କରିବା ପାଇଁ ପୋଲିସ କଟକଣା ଜାରି କରିଥିଲା । ନିର୍ବାଚନର ଦୁଇଦିନ ପୂର୍ବରୁ ସଦର ପୋଲିସ ଲୋଚାପଡ଼ାରେ ଗାଡ଼ି ଯାଞ୍ଚ ବେଳେ ପୋଲିସ ଏକ କାର (ନଂ ଓଡି୦୭ଜି୧୯୬୧) ଭିତରୁ ୬୩ ଲିଟର ବିଦେଶୀ ମଦ ଜବତ କରିଥିଲା। ପୋଲିସକୁ ଚକ୍ମା ଦେଇ ଖସି ପଳାଇ ଯାଇଥିବା କାର ଡ୍ରାଇଭର କନିଷ୍ଠ ବଡ଼ ସାହିର ଟୁକୁନା ଦାସଙ୍କୁ ବୁଧବାର ପୋଲିସ ଗିରଫ କରିଛି। ମାମଲା ନଂ. ୯୪/୧୯ରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଅବ୍ୟବସ୍ଥା
# ପ୍ରକାଶ ପାଉନି ପରୀକ୍ଷା ଫଳ

ବ୍ରହ୍ମପୁର ଅଫିସ୍,୨୯।୫




ପ୍ରତିଷ୍ଠା ପରଠାରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ରାଜ୍ୟ ସରକାରଙ୍କ ତରଫରୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା। କିନ୍ତୁ ଆନୁଷଙ୍ଗିକ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଫଳରେ ବିଶ୍ୱବିଦ୍ୟାଳୟ ପରିଚାଳନାରେ ଗୁରୁତର ବିଭ୍ରାଟ ଦେଖିବାକୁ ମିଳୁଛି। ଏପରିକି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ମହାବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ହେଉଛି। ହେଲେ ଫଳ ବାହାରୁନି। ଫଳରେ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରୁ ନାହାନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧୀନରେ ୫ ମହାବିଦ୍ୟାଳୟ ରହିଛି। ସେଗୁଡ଼ିକ ହେଲା ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଗୋପାଳପୁର ମହାବିଦ୍ୟାଳୟ। ୨୦୧୫ରେ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ୨୦୧୬ଠାରୁ ଏହି ସମସ୍ତ ମହାବିଦ୍ୟାଳୟ ଯୁକ୍ତ ୩, ଖାତା ମୂଲ୍ୟାୟାନ, ପରୀକ୍ଷା ଫଳ ପ୍ରକାଶ ଆଦି ଦାୟିତ୍ୱ ମହାବିଦ୍ୟାଳୟ ଉପରେ ରହିଛି। ସମସ୍ୟା ହେଲା, ମହାବିଦ୍ୟାଳୟଗୁଡ଼ିକ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇ ଦେଉଛନ୍ତି। ହେଲେ ଫଳ ପ୍ରକାଶ ବେଳେ ସମସ୍ୟା ସୃଷ୍ଟି ହେଉଛି। ୨୦୧୬-୧୯ ଯୁକ୍ତ ୩ ବ୍ୟାଚ୍‌ରେ ଏହି ସମସ୍ୟା ଦେଖାଦେଇଛି। ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ସେମିଷ୍ଟର୍ ପରୀକ୍ଷାର ଫଳାଫଳ ଏଯାଏ ପ୍ରକାଶ ପାଇନି। କେବଳ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଛାଡ଼ିଦେଲେ, ଅନ୍ୟ ୪ ମହାବିଦ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ବର୍ତ୍ତମାନ ସ୍ନାତକୋତ୍ତରରେ ନାମ ଲେଖା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଏପଟେ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରୀଛାତ୍ରୀଙ୍କୁ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ ମାର୍କଶିଟ୍ ମିଳିପାରୁ ନାହିଁ। ବୁଧବାର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର କେତେ ଜଣ ଛାତ୍ରୀଛାତ୍ର ଏହି ସମସ୍ୟା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ପରୀକ୍ଷା ଫଳ ପ୍ରକାଶ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପି.ଏନ୍. ପଣ୍ଡା କହିଛନ୍ତି, ଖାତା ମୂଲ୍ୟାୟନ ଶେଷ ହୋଇଯାଇଛି। ଶେଷ ପର୍ଯ୍ୟାୟ ଯାଞ୍ଚ ଚାଲିଛି। ଜୁନ୍ ୧୦ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବା ସମ୍ଭାବନା ରହିଛି।

## ବାତ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନ




ପ୍ରଭାବିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୯।୫

ବାତ୍ୟା 'ଫନୀ'ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି କରିଛି। ସାପୋରଜି ପାଲୋଞ୍ଜି ଗ୍ରୁପ୍ ପୁରୀ ଜିଲାର ପ୍ରଭାବିତ ଲୋକମାନଙ୍କ ପାଖରେ ପହଞ୍ଚିଛି। ଗ୍ରୁପ୍ ସଦସ୍ୟମାନେ ପୁରୀ ସଦର ବ୍ଲକ୍ ଗଣ୍ଡମୁଣ୍ଡା ଭୋଇ ଓ ବିଲ ଭୋଇ ପଞ୍ଚାୟତ ପରିଦର୍ଶନ କରିଛନ୍ତି । ପ୍ରଭାବିତ ପରିବାର ଲୋକମାନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି କିଟ୍‌ରେ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ତାରପୋଲିନ୍, ଦଉଡ଼ି, ଗୃହୋପକରଣ କିଟ୍ ଯଥା ପ୍ଲେଟ୍, ଟମ୍ବଲର୍, ମଶିଣା, ବାଲ୍‌ଟି ଓ ମଗ, ଶୌଚ ସାମଗ୍ରୀ ଯଥା ସାବୁନ, ତଉଲିଆ, ଟୁଥବ୍ରଶ୍ ଏବଂ ପେଷ୍ଟ ବ୍ୟତୀତ ମଶା ମଶା କଏଲ୍ ଏବଂ ସାନିଟାରି ନାପ୍‌କିନ୍ ରହିଛି। ଭୂତଳ ଜଳ ପ୍ରଦୂଷଣ ହୋଇଥିବା ଆଶଙ୍କା କରି ପ୍ରଭାବିତ ଅଞ୍ଚଳ ପାଇଁ କ୍ଲୋରିନ୍ ଟାବଲେଟ୍ ବଣ୍ଟନ କରାଯାଇଛି। ରିଲିଫ୍ ସାମଗ୍ରୀ ୭୫ ପ୍ରଭାବିତ ପରିବାର ମଧ୍ୟରେ ବଣ୍ଟାଯାଇଥିଲା। ଦଳର ଏହି ଉଦ୍ୟମକୁ ଗ୍ରାମବାସୀ ପ୍ରଶଂସା କରିଥିଲେ। ଏହି କିଟ୍ ସେମାନଙ୍କ ଜୀବନରେ ସ୍ୱାଭାବିକତା ବଜାୟ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ସାପୋରଜି ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ଲିମିଟେଡ କର୍ପୋରେଟ୍ ଆଫାୟାର୍ ଆଣ୍ଡ କମ୍ୟୁନିକେଶନ୍ ଭାଇସ୍ ପ୍ରେସିଡେଣ୍ଟ ଜଗଦୀଶ ଚନ୍ଦ୍ର ରାଉତ କହିଛନ୍ତି, ବାତ୍ୟା ପ୍ରଭାବିତ ପୁରୀ ଜିଲା ଲୋକମାନଙ୍କୁ ସେବା କରିବାର ମହତ କାମ ପାଇଁ ସାପୋରଜି ପାଲୋଞ୍ଜି ଗ୍ରୁପ୍ ପ୍ରତିବଦ୍ଧ। ପୁନରୁଦ୍ଧାର ପ୍ରକ୍ରିୟା ଏବଂ ଓଡ଼ିଶାର ଲୋକମାନଙ୍କ ବିକାଶ ସହିତ ଆମେ ସବୁବେଳେ ଠିଆ ହୋଇଛୁ ବୋଲି ସେ କହିଛନ୍ତି । ହାବିଟାଟ ଫର ହ୍ୟୁମାନିଟି ଇଣ୍ଡିଆ ଏବଂ ମହାଶକ୍ତି ଫାଉଣ୍ଡେଶନ ସହଯୋଗରେ ଦଳ ପକ୍ଷରୁ ଏହି ରିଲିଫ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ବିଏମସିର ସ୍ୱତନ୍ତ୍ର ସାଧାରଣ ବୈଠକ
# ଓଡିଏଫ ପ୍ଲସ ପ୍ଲସ ମାନ୍ୟତାକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଜିଲାପାଳ, କମିଶନର ଓ ଅନ୍ୟ ଅଧିକାରୀ ।

ବ୍ରହ୍ମପୁର ଅଫିସ,୨୯।୫

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ସ୍ୱତନ୍ତ୍ର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ନିଷ୍ପତ୍ତି ନିଆଯାଇଛି। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ନିଗମ ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପ୍ରସ୍ତାବ ଆଗତ କରିଥିଲେ। ୨୦୧୮ ଅକ୍ଟୋବର ୨ରେ ବ୍ରହ୍ମପୁର ସହରକୁ ବାହ୍ୟ ମଳମୁକ୍ତ(ଓଡିଏଫ ଫ୍ରି) ସହର ଭାବେ ଘୋଷଣା କରାଯାଇଥିଲା। ବାହ୍ୟ ମଳ ମୁକ୍ତ ସହର ଘୋଷଣାରେ ବ୍ରହ୍ମପୁର ରାଜ୍ୟର ପ୍ରଥମ ସହର ଭାବେ ମଧ ପରିଗଣିତ ହୋଇଥିଲା। ଏହାପରେ ସହରକୁ ଓଡିଏଫ ପ୍ଲସ ପ୍ଲସ ମାନ୍ୟତା ପ୍ରଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ପାର୍କଷ୍ଟ୍ରିଟ, ରାମଲିଙ୍ଗମ ଟେମ୍ପୁଲ ରୋଡ ଓ ସହରର ବିଭିନ୍ନ ରେଲୱେ ଓଭର ବ୍ରିଜ ତଳେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା। ବର୍ଷାଦିନ ପୂର୍ବରୁ ମୁକ୍ତ ଭାବେ ରହିଥିବା ଡ୍ରେନଗୁଡିକରେ ସ୍ଲାବ ପକାଇବା, ସହରର ଗୁରୁତ୍ୱପୂର୍ଣ୍ଣ ରୋଡରେ ସାଇନବୋର୍ଡ ଲଗାଯିବା ନେଇ ମଧ ପ୍ରସ୍ତାବ ଗୃହୀତ ହୋଇଥିଲା। ସୁରଟର ଘରୋଇ କୋଚିଂ ସେଣ୍ଟରରେ ଘଟିଥିବା ଅଗ୍ନିକାଣ୍ଡ ଭଳି ଘଟଣା ବ୍ରହ୍ମପୁରରେ ପୁନରାବୃତ୍ତି ଯେପରି ନ ହେବ ସେ ନେଇ ଜିଲାପାଳ କୁଲାଙ୍ଗେ ଗୁରୁତ୍ୱାରୋପ କରିଥିଲେ। ସହରରେ ଥିବା କୋଚିଂ ସେଣ୍ଟରଗୁଡିକର ଟ୍ରେଡ ଲାଇସେନ୍ସ,ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରିମଳ ବ୍ୟବସ୍ଥା ଓ ସହରରେ ଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା। ଜୁନ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ଖଲ୍ଲିକୋଟ କଲେଜ ପଡିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ଆଲୋଚନା କରାଯାଇଥିଲା। କମିଶନରଙ୍କ ସମେତ ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ନିର୍ବାହୀଯନ୍ତ୍ରୀ ଓ ଅନ୍ୟ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

## ବିଆର୍‌ଏମ୍‌ସିଏସ୍‌ର ସାଧାରଣ ଅଧିବେଶନ

ବ୍ରହ୍ମପୁର ଅଫିସ,୨୯।୫

ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆରଏମସିଏସ)ର ବାର୍ଷିକ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସମବାୟ ସଂସ୍ଥା ସଭାପତି ସୁରେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଏହା ଅଧୀନ ସମବାୟ ସଂସ୍ଥାର 'କ' ଶ୍ରେଣୀଭୁକ୍ତ ସଭ୍ୟା, ସଭ୍ୟମାନେ ଯୋଗଦେଇ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ପଦ୍ମଚରଣ ପାଣିଗ୍ରାହୀ ବିବରଣୀ ଉପସ୍ଥାପନ କରିଥିଲେ। ବିସିସି ବ୍ୟାଙ୍କ ବରିଷ୍ଠ ନିର୍ଦ୍ଦେଶକ କୈଳାସ ରଣା ଉପସ୍ଥିତ ଥିଲେ। ୨୦୧୩ ଫାଇଲିନରେ ସମିତିର ସମସ୍ତ ଗୋଦାମ ଘର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସେସବୁର ପୁନଃ ନିର୍ମାଣ ଓ ପୁନରୁଦ୍ଧାର ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ତେବେ ଅଦ୍ୟାବଧି ସହାୟତା ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା।

ନୂଆ ପରିଚାଳନା ବୋର୍ଡ ଗଠନର ୪ ବର୍ଷ ବିତିଛି। ଆସନ୍ତା ବର୍ଷ ପୁଣି ନିର୍ବାଚନ ହେବାକୁ ଥିବା ବେଳେ ଫାଇଲିନରେ ଧ୍ୱସ୍ତବିଧ୍ୱସ୍ତ ସମିତିର ୧୭ ଗୋଦାମ ଘର ପୁନଃ ନିର୍ମାଣ ଲାଗି ଆବଶ୍ୟକ ବ୍ୟୟ ଅଟକଳ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସରକାର ତୁରନ୍ତ ମଞ୍ଜୁର କରିବା ପାଇଁ ଦାବି ପ୍ରସ୍ତାବ ଗୃହୀତ ହୋଇଥିଲା। ଅପରପକ୍ଷରେ ଉତ୍ତରେଶ୍ୱର ମନ୍ଦିର ନିକଟ ଗୋସାଣୀନୂଆଗାଁସ୍ଥ ସମିତିର ଖାଲି ଜାଗାରେ ଏକ ପେଟ୍ରୋଲ ପମ୍ପ ଖୋଲିବାକୁ ସାଧାରଣ ସଭାରେ ସର୍ବସମ୍ମତ୍ତ ପ୍ରସ୍ତାବ ଗୃହୀତ ହୋଇଛି। ସରକାରଙ୍କ ବିନା ସହାୟତାରେ ସମିତି ଚାଲିଥିବା ସଭାପତି ସାହୁ ଏହି ସାଧାରଣ ସଭାରେ ସୂଚାଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ : ପରୀକ୍ଷା ନିୟନ୍ତ୍ରକଙ୍କ ବଦଳି

ବ୍ରହ୍ମପୁର ଅଫିସ,୨୯।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସରୋଜ କୁମାର ମହାପାତ୍ରଙ୍କ ବଦଳି ହୋଇଛି । ତାଙ୍କର ଭୁବନେଶ୍ୱର ବିଜେବି କଲେଜକୁ ବଦଳି ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ତେବେ ସ୍ନାତକୋତ୍ତର ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ମଙ୍ଗଳବାର ଶେଷ ହୋଇଥିବା ବେଳେ ଅଚାନକ ପରୀକ୍ଷା ନିୟନ୍ତ୍ରକଙ୍କ ବଦଳି ଫଳ ପ୍ରକାଶ ଉପରେ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏନେଇ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଯୋଗାଯୋଗ ବେଳେ କହିଛନ୍ତି, ପରୀକ୍ଷା ଫଳ ପ୍ରକାଶକୁ ଲକ୍ଷ୍ୟ ରଖି ନୂତନ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ନେଇ ସୂଚନା ନ ମିଳିବା ପର୍ଯ୍ୟନ୍ତ ମହାପାତ୍ର ଦାୟିତ୍ୱରେ ରହିବେ । ଆସନ୍ତା ୪ ଦିନ ମଧ୍ୟରେ ନୂତନ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ନେଇ ସ୍ପଷ୍ଟ ହେବା ପରେ ତାଙ୍କୁ ରିଲିଭ୍ କରାଯିବ ବୋଲି କୁଳପତି ସୂଚାଇଛନ୍ତି । ଏଥିସହ ଜୁନ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି ।

## ଦୁଇ ପଦକଧାରୀଙ୍କୁ ସମ୍ବର୍ଦ୍ଧନା



ଦୁଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୯।୫

ତାମିଲନାଡୁର କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରରେ ଗତ ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ୱାଡ଼କାଇ କରାଟେ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ସହରସ୍ଥିତ ଓଡ଼ିଶା ୱାଡକାଇ କରାଟେ ଆସୋସିଏଶନ୍‌ର ଦୁଇ ପ୍ରତିଯୋଗୀ ଆଦିତ୍ୟ ସାହୁ ଏବଂ ଶ୍ରୀଧର ସାହୁ ଭାଗ ନେଇଥିଲେ । ଆଦିତ୍ୟ କାଟା ବିଭାଗରେ ସ୍ୱର୍ଣ୍ଣ ଓ କୁମିତେରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଶ୍ରୀଧର କୁମିତେରେ ରୌପ୍ୟ ପଦକ ହାସଲ କରିଛନ୍ତି । ଆଦିତ୍ୟଙ୍କ ବାପା ରବି କୁମାର ସାହୁ ପ୍ରତିଯୋଗୀଙ୍କ ସହ ସେଠାରେ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ସଫଳ ଖେଳାଳି ବ୍ରହ୍ମପୁରରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଶିକ୍ଷକ ମନୋଜ କୁମାର ନାୟକ, ଗଜେନ୍ଦ୍ର ସାହୁ, ବୁଟୁ ଶତପଥୀ, ଗଣେଶ ଦୋରା ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଟି ହସ୍ପିଟାଲ ପରିସରରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୯।୫

ଟାଉନ ଥାନା ଅନ୍ତର୍ଗତ ସିଟି ହସ୍ପିଟାଲ ପରିସରରୁ ପୋଲିସ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ (୩୫) ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ. ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ଅପରାହ୍ନ ୪ଟା ବେଳେ ସିଟି ହସ୍ପିଟାଲ ପରିସରରେ ଜଣେ ଯୁବକ ମରି ପଡ଼ିଥିବା ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ତାଙ୍କ ପକେଟରେ ଥିବା ୩୦ ଟଙ୍କା ଜବତ କରିଥିଲା । ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ପୋଲିସ କହିଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି ।

## ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରେ ପ୍ରଥମ
# ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ରହିନି ଅମାନତ

ବ୍ରହ୍ମପୁର ଅଫିସ,୨୯।୫

**ବିଜେଡି ଜିତିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଭାଜପା**

ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ ନିର୍ବାଚନ ଲଢ଼ିଥିବା ଜାତୀୟ କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁଙ୍କ ରହିନି ଅମାନତ। ଚୂଡ଼ାନ୍ତ ଭୋଟ ଫଳାଫଳ ପ୍ରକାଶ ପରେ ଏହା ପଦାକୁ ଆସିଛି। ସୂଚନାଯୋଗ୍ୟ, ସ୍ୱାଧୀନତା ପରେ ହୋଇଥିବା ୧୬ ଲୋକ ସଭା ନିର୍ବାଚନ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀମାନେ ୧୧ଥର ଏମ୍‌ପି ହୋଇଥିଲେ। ସପ୍ତଦଶ ନିର୍ବାଚନରେ ଘଟିଥିବା ଏଭଳି ଘଟଣା ଏହି ଲୋକ ସଭା କ୍ଷେତ୍ରରେ ପ୍ରଥମ। ଅଞ୍ଚଳ ସହ ଆଦୌ ପରିଚିତ ନ ଥିବା ଏବଂ ଗାଁ ଗଣ୍ଡା ବାଟ ଜାଣି ନ ଥିବା ଦିଲ୍ଲୀରେ ରହୁଥିବା ଶିଳ୍ପପତି ନାଇଡୁଙ୍କୁ ଏଆଇସିସିରୁ ଟିକେଟ ମିଳିଥିଲା। ତେଣୁ କଂଗ୍ରେସ ପ୍ରାର୍ଥୀଙ୍କର ଶୋଚନୀୟ ପରାଜୟ ଘଟିଛି।

ପୂର୍ବ ନିର୍ବାଚନ ଗୁଡିକରେ ଏହି ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପିଭି ନରସିଂହ ରାଓ ଥରେ, ସ୍ୱର୍ଗତ ଆର. ଜଗନ୍ନାଥ ରାଓ ଲଗାତର ଭାବେ ୫ ଥର କଂଗ୍ରେସରୁ ଏମ୍‌ପି ହୋଇଥିଲେ। ସେହିପରି କଂଗ୍ରେସରୁ ଲଢ଼ି ପାରଳା ରାଜା ଗୋପୀନାଥ ଗଜପତି ୨ ଥର, ଜୟନ୍ତୀ ପଟ୍ଟନାୟକ, ସ୍ୱର୍ଗତ ଅନନ୍ତ ତ୍ରିପାଠୀ ଶର୍ମା, ଚନ୍ଦ୍ରଶେଖର ସାହୁ କଂଗ୍ରେସରୁ ଥରେ ଲେଖାଏ ଏମ୍‌ପି ହୋଇଥିଲେ। ତେବେ ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଥିଲେ ମଧ ବହୁ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କେବଳ ଚଳିତ ବର୍ଷର ନିର୍ବାଚନରେ ଏଭଳି ଦୁର୍ଦ୍ଦଶା ଘଟି ଜାତୀୟ ଦଳ କଂଗ୍ରେସ ଲୋକହସା ହୋଇଛି।

ଚଳିତ ବର୍ଷ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ସର୍ବାଧିକ ୪ ଲକ୍ଷ ୪୩ ହଜାର ୮୪୩ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପାର ଭୃଗୁ ବକ୍ସିପାତ୍ର ୩ ଲକ୍ଷ ୪୮ ହଜାର ୯୯୯ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଂଗ୍ରେସର ନାଇଡୁଙ୍କୁ ମିଳିଛି ମାତ୍ର ୧ ଲକ୍ଷ ୪୨ ହଜାର ୬୩୨ ଭୋଟ। ନିର୍ବାଚନ ଆଇନ ଅନୁସାରେ ନାଇଡୁଙ୍କୁ ଅମାନତ ରଖିବା ପାଇଁ ଆବଶ୍ୟକ ଭୋଟ ମିଳିନାହିଁ। ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଏସ୍‌ପି, ଏସୟୁସିଆଇ ସମେତ ଅନ୍ୟ ୫ ଜଣଙ୍କ ମଧ ଅମାନତ ଉଡ଼ିଯାଇଛି। ବ୍ରହ୍ମପୁର ବିଧାନସଭା ଓ ଲୋକ ସଭା ଉଭୟ ଆସନର କଂଗ୍ରେସ ପ୍ରାର୍ଥୀଙ୍କ ଅମାନତ ରହି ନ ଥିବା ନିର୍ବାଚନ ଇତିହାସରେ ପ୍ରଥମ ହୋଇଥିବାରୁ ଏହା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

## ଓଡ଼ିଶା ବିଧାନସଭାରେ ରେକର୍ଡ
# ସୂର୍ଯ୍ୟ ଗଞ୍ଜାମ ଜିଲାରୁ ପଞ୍ଚମ ବାଚସ୍ପତି

ବ୍ରହ୍ମପୁର ଅଫିସ,୨୯।୫

ବିଜେଡିର ବରିଷ୍ଠ ନେତା ତଥା ଅତୀତର ମୋହନା ଓ ବର୍ତ୍ତମାନର ଦିଗପହଣ୍ଡି ସେଗ୍‌ମେଣ୍ଟରୁ ଲଗାତର ଭାବେ ସାତ ଥର ବିଧାୟକ ଏବଂ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ୫ ଥର ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ପାଇଥିବା ସୂର୍ଯ୍ୟ ନାରାୟଣ ପାତ୍ର ଚଳିତ ବିଧାନସଭାର ବାଚସ୍ପତି ହେବେ। ଫଳରେ ଗଞ୍ଜାମ ଜିଲାରୁ ବାଚସ୍ପତି ଭଳି ସାମ୍ବିଧାନିକ ଓ ସମ୍ମାନଜନକ ପଦ ପାଇବାରେ ସୂର୍ଯ୍ୟ ହେବେ ପଞ୍ଚମ। ତାଙ୍କୁ ଏଥର ମନ୍ତ୍ରୀ କରାଯାଇ ନ ଥିଲେ ମଧ ମର୍ଯ୍ୟାଦାଜନକ ବାଚସ୍ପତି ପାଇଁ ଘୋଷଣା କରାଯାଇଥିବାରୁ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ହୋଇଥିବା ଦ୍ୱିତୀୟ ବିଧାନସଭା ନିର୍ବାଚନ ୧୯୪୬ରେ ହୋଇଥିଲା। ବ୍ରହ୍ମପୁର ଆସନ ଖ୍ରୀଷ୍ଟିଆନଙ୍କ ପାଇଁ ସଂରକ୍ଷିତ ଥିବାରୁ ଲାଲ ମୋହନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ । ସେ ୧୯୫୧-୫୨ ପର୍ଯ୍ୟନ୍ତ ବାଚସ୍ପତି ହୋଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ୧୯୬୧ରେ ହୋଇଥିବା ତୃତୀୟ ନିର୍ବାଚନରେ ଜିଲାର କୋଦଳା ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ। ସେ ବାଚସ୍ପତି ପଦ ପାଇଥିଲେ। ଏହା ପୂର୍ବରୁ ଜଷ୍ଟିସ ପାଣିଗ୍ରାହୀ ୧୯୫୭ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ କଂଗ୍ରେସରୁ ନିର୍ବାଚିତ ହୋଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ସେହିପରି ୧୯୮୦ ନିର୍ବାଚନରେ ଭଞ୍ଜନଗର ବିଧାନସଭା ଆସନରୁ କଂଗ୍ରେସରୁ ବିଧାୟକ ହୋଇଥିଲେ ସ୍ୱର୍ଗତ ସୋମନାଥ ରଥ । ସେ ଜିଲାରୁ ତୃତୀୟ ବାଚସ୍ପତି ପଦ ପାଇଥିଲେ । ୧୯୯୫ ନିର୍ବାଚନରେ ଚିକିଟି ସେଗ୍‌ମେଣ୍ଟରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହୋଇଥିବା ଚିନ୍ତାମଣି ଦ୍ୟାନ ସାମନ୍ତରା ଗଞ୍ଜାମ ଜିଲାରୁ ଚତୁର୍ଥ ବାଚସ୍ପତି ହୋଇଥିଲେ। ୨୦୦୦ ନିର୍ବାଚନ ପର୍ଯ୍ୟନ୍ତ ସେ ଏହି ସମ୍ମାନଜନକ ପଦରେ ଥିଲେ। ଏହା ପୂର୍ବରୁ ୧୯୮୫ ନିର୍ବାଚନରେ ଦ୍ୟାନ ସାମନ୍ତରା ଚିକିଟି ଆସନରୁ କଂଗ୍ରେସରୁ ଜିତି ୧୯୯୦ ପର୍ଯ୍ୟନ୍ତ ବିଧାନସଭା ଉପବାଚସ୍ପତି ପଦ ପାଇଥିଲେ ।

**ବ୍ରହ୍ମପୁର ବିଧାୟିକା ଭି. ଲକ୍ଷ୍ମୀବାଇ ହୋଇଥିଲେ ପ୍ରଥମ ମହିଳା ଉପବାଚସ୍ପତି**



ସୂର୍ଯ୍ୟ ନାରାୟଣ ପାତ୍ର ।

ସ୍ୱାଧୀନତା ପୂର୍ବରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ୧୯୩୭ ଓ ୧୯୪୬ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବ୍ରହ୍ମପୁର ସେଗମେଣ୍ଟରୁ ଭି. ଲକ୍ଷ୍ମୀବାଇ ବିଧାୟିକା ହୋଇଥିଲେ । ସେ ୧୯୪୬ରୁ ୧୯୫୧-୫୨ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ଉପ-ବାଚସ୍ପତି ହୋଇଥିଲେ। ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଭିଭି ଗିରିଙ୍କ ଭଉଣୀ ଲକ୍ଷ୍ମୀବାଇ। ୧୮ ବର୍ଷ ପରେ ଗଞ୍ଜାମ ଜିଲାରୁ ପୁଣି ବିଧାନସଭା ବାଚସ୍ପତି ହେବେ ସୂର୍ଯ୍ୟ ।

## ସଂକ୍ଷେପରେ

### ଜି.ଉଦୟଗିରି ଏନ୍‌ଏସି ଅନ୍ୟ ଦଳକୁ ଯାଇଛି ବିଜେଡି ଭୋଟ

**ଜି.ଉଦୟଗିରି,୨୯।୫(ଡି.ଏନ.ଏ.):** ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ୧୧୨୬୧ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନଙ୍କୁ ପରାଜିତ କରିଛନ୍ତି। କିନ୍ତୁ ବିଜେଡିର ଗଡ଼ ରୂପେ ପରିଚିତ ଜି.ଉଦୟଗିରି ଏନ୍‌ଏସିରେ ପଛରେ ପଡ଼ିଯାଇଛି। ଜି.ଉଦୟଗିରି ଏନ୍‌ଏସିର ୭ଟି ବୁଥ୍‌ରେ ସାଲୁଗା ମାତ୍ର ୧୮୦୧ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ ୨୦୧୨ ଭୋଟ ଓ କଂଗ୍ରେସ ପ୍ରାର୍ଥୀ ୮୧୬ ଭୋଟ ପାଇଛନ୍ତି। ଜି.ଉଦୟଗିରି ଏନ୍‌ଏସିରେ ବିଜେଡି ଭୋଟ କମିବାକୁ ନେଇ ଦଳୀୟ ସମର୍ଥକ ଦ୍ୱନ୍ଦ୍ୱରେ ଅଛନ୍ତି। ଦଳ ଭିତର ଲୋକ ହିଁ ଅନ୍ୟ ଦଳକୁ ସମର୍ଥନ କରି ବିଜେଡି ପ୍ରାର୍ଥୀଙ୍କୁ ହରାଇବାକୁ ଚେଷ୍ଟା କରୁଥିଲେ ବୋଲି ସାଲୁଗାଙ୍କ ସମର୍ଥକ ଗୋପାଳ ମହାପାତ୍ର କହିଛନ୍ତି। ଏମ୍‌ପି ପ୍ରାର୍ଥୀ ଅଧିକା ଭୋଟ ପାଇଥିବା ବେଳେ ବିଧାୟକ ପ୍ରାର୍ଥୀ କିପରି କମ୍ ଭୋଟ ପାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଦଳ ଭିତରେ ଆଲୋଚନା ହେଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଥିଲେ।

### ଭାରତୀୟ ପରିସଂଖ୍ୟାନ ସଂସ୍ଥାନ ପ୍ରବେଶିକା ପରୀକ୍ଷା ଆର୍ଯ୍ୟଭଟ୍ଟ ଛାତ୍ର ରୋହନ ରାଜ ରାଜ୍ୟରେ ପ୍ରଥମ



**ବ୍ରହ୍ମପୁର ଅଫିସ,୨୯।୫:** ଭାରତୀୟ ପରିସଂଖ୍ୟାନ ସଂସ୍ଥାନ ପ୍ରବେଶିକା ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଅନୁଷ୍ଠାନରେ ତାଲିମ ନେଉଥିବା ଛାତ୍ର ରୋହନ ରାଜ ପାଢ଼ୀ କୃତିତ୍ୱ ହାସଲ କରିଛନ୍ତି । ସେ ସର୍ବଭାରତୀୟ ସ୍ତରରେ ୧୪ତମ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ ଓ ସମସ୍ତ ଶିକ୍ଷକ ରୋହନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅନୁଷ୍ଠାନର ଶିକ୍ଷମାନଙ୍କର ନିଷ୍ଠା ଓ ପରିଶ୍ରମ ବଳରେ ରୋହନ ଏହି ସଫଳତା ହାସଲ କରିଥିବା ଅଭିଭାବକମାନେ କହିବା ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ସୂଚନା ମିଳିଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଧରାପଡ଼ିନାହାନ୍ତି ଜେଲରୁ ଫେରାର କଏଦୀ

**ଫୁଲବାଣୀ ଅଫିସ, ୨୯।୫**

କନ୍ଧମାଳ ଜିଲା କାରାଗାରରୁ କଏଦୀ ଗୋପୀନାଥ ନାୟକ ଚମ୍ପଟ ମାରିବା ଘଟଣାକୁ ଆଉ କିଛି ଦିନ ପରେ ମାସେ ପୂରିବ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ଧରିବାରେ ସଫଳ ହୋଇନାହିଁ। ସେପଟେ ଏହି ଘଟଣା ପରେ ଜେଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚେତା ପଶିନାହିଁ। ଜେଲ ଫାଟକ ବାହାର ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ କଏଦୀମାନଙ୍କୁ ପନିପରିବା ବିକ୍ରି କରିବାକୁ ସୁଯୋଗ ଦିଆଯାଉଛି। ଗୋପୀନାଥଙ୍କ ଭଳି ଏମାନେ ଯେ କେତେବେଳେ ଏକା ଫର୍ମୁଲା ଆପଣେଇ ଚମ୍ପଟ ନ ମାରିବେ ତାହା ଏବେ ସହରରେ ଚର୍ଚ୍ଚା ଜୋର ଧରିଛି। ଯେଉଁ ସ୍ଥାନରେ ପରିବା ବିକ୍ରି ହେଉଛି ସେଠାରୁ କଏଦୀ ଚମ୍ପଟ ମାରିଲେ ସେମାନଙ୍କୁ ଜଗୁଥିବା ଗାର୍ଡ କେବେ ବି ଧରିବାରେ ସଫଳ ହେବେନାହିଁ। ଅନ୍ୟପକ୍ଷରେ ଜେଲର କହୁଛନ୍ତି, ବିଶ୍ୱସ୍ତ କଏଦୀମାନଙ୍କୁ ବାହାରକୁ ନିଆଯାଉଛି।

ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅନୁସୟା ଜେନାଙ୍କୁ ପଚାରିବାରୁ ଖାଲି ଫୁଲବାଣୀ ଜେଲ ନୁହେଁ ଅନ୍ୟ ଜେଲରୁ ବି କଏଦୀ ଫେରାର ହେଉଛନ୍ତି ବୋଲି କହିଥିଲେ। ସେ ଆହୁରି କହିଲେ ଯେ, ପରିବା ବିକ୍ରି କରୁଥିବା କଏଦୀଙ୍କୁ ଦୁଇ ଜଣ ଗାର୍ଡ ଜଗଛନ୍ତି। କଏଦୀ ପରିବା ବିକ୍ରି କରିବା ପାଇଁ ସରକାରୀ ଗାଇଡ ଲାଇନ ରହିଛି।



ଜଣେ କଏଦୀ ପରିବା ବିକ୍ରି କରୁଛନ୍ତି।

ସୂଚନାଯୋଗ୍ୟ, ଫୁଲବାଣୀ ଜିଲା କାରାଗାର ପାଚେରୀ ବାହାର ତଥା ଜେଲ ପରିସର ପରିବା ବଗିଚାରେ କାମ କରୁଥିବା କଏଦୀ ଦାରିଙ୍ଗବାଡି ବ୍ଲକ ଲଡାପଙ୍ଗା ଗ୍ରାମର ଗୋପୀନାଥ ଗତ ୮ ତାରିଖରେ ଫେରାର ହୋଇଯାଇଥିଲେ। ଜେଲ କର୍ମଚାରୀଙ୍କ ଅସାବଧାନତାର ସୁଯୋଗ ନେଇ ତାଙ୍କ ବାଇକ୍ ଧରି ସେ

**ଗୋପୀନାଥଙ୍କ ପରେ ଆଉ କିଏ ଚର୍ଚ୍ଚା**

ଚମ୍ପଟ ମାରିଥିଲେ। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଲାଗି ମୁଖ୍ୟ କାରାରକ୍ଷୀ ଗମାଳ ମଣ୍ଡଳ ଓ କାରାରକ୍ଷୀ ବିଭୂତି ଭୂଷଣ ଦାସଙ୍କୁ ନିଲମ୍ବିତ କରାଯାଇଥିଲା। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଟାଉନ ଥାନାରେ ଏତଲା ଦେଇଥିଲେ। ଏ ପର୍ଯ୍ୟନ୍ତ ପୋଲିସ ଗୋପୀନାଥଙ୍କୁ ଧରିବାରେ ସଫଳ ହୋଇନାହିଁ। ୧୩ ତାରିଖରେ ଜେଲ ଡିଆଇଜି ରଘୁନାଥ ମାଝି କଏଦୀ ଫେରାର୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ଜଡିତ କାରାରକ୍ଷୀ ଦିଲେଶ୍ୱରୀ କହଁରଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଦ୍ଧତି ଆରମ୍ଭ ହୋଇଥିବା ସେତବେଳେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଜେନା ପ୍ରକାଶ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ବିଷୟରେ କିଛି କୁହାଯାଇନାହିଁ।

**■ ପୂରଣ ହେଲା ୧୫ ସିଆର୍‌ସିସି ପଦବୀ**

# ଶିକ୍ଷାବର୍ଷ ଆରମ୍ଭରୁ ପଦକ୍ଷେପ

**ଦାରିଙ୍ଗବାଡି,୨୯।୫(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତ ଅଞ୍ଚଳରେ ୧୫ ସିଆରସିସି ପଦବୀ ଦୀର୍ଘଦିନ ହେଲା ଖାଲିପଡିଥିଲା। ଚଳିତବର୍ଷ ଶିକ୍ଷାବର୍ଷ ଆରମ୍ଭରୁ ଏହା ପୂରଣ କରାଯାଇ ୧୫ ଜଣ ସିଆରସିସିଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଦାରିଙ୍ଗବାଡି ବିଆର୍‌ସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସିନୀ ଦିଗାଳ କହିଛନ୍ତି। ସେମାନଙ୍କ ମଧ୍ୟରେ ସିମନବାଡି ପଞ୍ଚାୟତର ସିଆରସିସି ଭାବେ ବନ୍ଧୁରାଜ ଉଠାଣସିଂଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସରାମୁଳି ପଞ୍ଚାୟତ୍ ପାଇଁ ଅର୍ଜୁନ ପ୍ରଧାନ, ସିର୍କାବର୍ଗ ପାଇଁ ସନିଆ ପ୍ରଧାନ, ତାଜୁଙ୍ଗିଆ ପାଇଁ ରମା ଉଠାଣ ସିଂ, ହାତିମୁଣ୍ଡା ପାଇଁ ସଲମନ ମଲ୍ଲିକ, ଝିଞ୍ଜିରିଗୁଡା ପାଇଁ ଦିନବନ୍ଧୁ ବେହେରା, ଦାସିଂବାଡିରେ ଅବିଲ କୁମାର ନାୟକ, କୁମ୍ଭାରିଗାଁର ଗଙ୍ଗା ବାଡତିଆ, ଗ୍ରୀନବାଡିରେ ରବୀନ୍ଦ୍ରନାଥ ଦିଗାଳ, ବୁଡାଗୁଡାରେ ଜୟପ୍ରକାଶ ଦିଗାଳ, ତିଲୋରିରେ ପ୍ରଦୀପ କୁମାର ମଲ୍ଲିକ, ଭ୍ରମରବାଡିରେ ଜଳେନ୍ଦ୍ର ଦିଗାଳ, ସିଆଙ୍ଗବାଲି ପାଇଁ କହିନା ପ୍ରଧାନ, ପର୍ଡମାହା ପାଇଁ ହରିଶଙ୍କର ପ୍ରଧାନ ଏବଂ ବ୍ରାହ୍ମଣୀଗାଁ ପାଇଁ ସନ୍ତୋଷ ମଲ୍ଲିକଙ୍କୁ ନିଯୁକ୍ତି ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଉକ୍ତ ବ୍ଲକରେ ୨୫ ପଞ୍ଚାୟତ ରହିଥିବା ବେଳେ ୨୪ ସିଆରସିସି ପଦବୀ ରହିଛି। ସେମାନଙ୍କ ମଧ୍ୟରେ ମାତ୍ର ୯ ପଦବୀ ପୂରଣ ହୋଇପାରିଥିବା ବେଳେ ୧୫ଟି ଖାଲି ରହିଥିଲା। ୫ବର୍ଷ ପର୍ଯ୍ୟନ୍ତ ଜଣେ ଶିକ୍ଷକ ସିଆରସିସି ଦାୟିତ୍ୱରେ ରହିବା ପରେ ପୁଣି ତାଙ୍କୁ ନିଜ ବିଦ୍ୟାଳୟକୁ ଫେରାଇ ନିଆଯାଉଛି । ଜଣେ ଶିକ୍ଷକ ଥରୁଟିଏ ସିଆରସିସି ପଦବୀରେ ରହିପାରିବେ ବୋଲି ବିଆରସିସି ସୁବାସିନୀ ଦିଗାଳ କହିଛନ୍ତି। ସମସ୍ତ ସିଆରସିସିଙ୍କୁ ବୁଧବାର ସୁଦ୍ଧା ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଦାରିଙ୍ଗବାଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଚିଠି କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

**■ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଯାଉନାହାନ୍ତି ଏଏନ୍‌ଏମ୍**

# ବିଗୁଡୁଛି ସ୍ୱାସ୍ଥ୍ୟସେବା, ବଢୁଛି ଅସନ୍ତୋଷ

**ଫିରିଙ୍ଗିଆ,୨୯।୫**

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଘରେଘରେ ପହଞ୍ଚାଇବାକୁ ସରକାର ବହୁ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର(ଏଏନ୍‌ଏମ୍ ସେଣ୍ଟର) ଖୋଲାଯାଇଛି। ହେଲେ ଅଧିକାଂଶ କେନ୍ଦ୍ରକୁ ଏଏନ୍‌ଏମ୍ ଦିଦି ଯାଉ ନାହାନ୍ତି। ଫଳରେ ଗର୍ଭବତୀ ମହିଳା ଓ ନବଜାତକମାନେ ହଇରାଣ ହେଉଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଥିବାରୁ ଜନ ଅସନ୍ତୋଷ ମଧ ବଢୁଛି। ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ତଳପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଏଭଳି ଘଟଣା ନଜରକୁ ଆସିଛି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ୫ ବର୍ଷ ପୂର୍ବେ ନିର୍ମାଣ ହୋଇଛି। ଏହା ଉପରେ ମାଝିପଡା, ଭାଲୁରୁଗାଁ, ଡାଇସାର, ଗୁଡ୍ଡୁଗାଁ, ତରଗାବାଲି, ବରେବାଟା, ଝିରିଶି ଆଦି ଗ୍ରାମର ଲୋକେ ନିର୍ଭର କରନ୍ତି। ଗର୍ଭବତୀ ମହିଳା, ଶିଶୁଙ୍କୁ ଟୀକାକରଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଯାହା କେନ୍ଦ୍ରର କାନ୍ଥରେ ଲେଖାଯାଇଛି। ହେଲେ ମାସକୁ ଗୋଟିଏ ଦିନ ବି ଏହା ଖୋଲେ ନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶିଶୁ ମହିଳାମାନେ ଟିକାକରଣ ନ କରି ପାରି ଫେରିବାକୁ ବାଧ ହୁଅନ୍ତି। ସେଠାରେ ନିଯୁକ୍ତ ଏଏନ୍‌ଏମ୍ କେବେ ଆସୁ ନ ଥିବା ତଳପଡାର ବାଲ୍ମୀକି କହଁର, କବିରାଜ କହଁର ପ୍ରକାଶ କରିଛନ୍ତି। ମମତା ଦିବସ, ଟିକାକରଣ ଦିବସ, ପରିମଳ ଦିବସ, କିଶୋରୀ ବାଳିକା ଦିବସ ଆଦି ପାଳନ ହେବାକୁ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇଛି। ମାତ୍ର ଏଥିରେ ବ୍ୟତିକ୍ରମ ଘଟୁଛି। ଏଏନ୍‌ଏମ୍ ଆସୁ ନ ଥିବାରୁ ଶିଶୁ, ଗର୍ଭବତୀ, ପ୍ରସୂତିମାନେ ହଇରାଣ ହେଉଛନ୍ତି ବୋଲି ସାମାଜିକ କର୍ମୀ ଅଙ୍ଗଦ ବେହେରା ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ଦିନରେ କରାଯିବ ବୋଲି ମଧ କହିଛନ୍ତି। ଏ ନେଇ ଏଏନ୍‌ଏମ୍ ଦିଦି କମଳାବତୀ ମଲ୍ଲିକଙ୍କୁ ପଚାରିବାରୁ ମୁଁ ଫୁଲବାଣୀରେ ରହି ଯିବାଆସିବା କରୁଛି। କେତେବେଳେ ବିଳମ୍ବ ହୋଇଯାଉଛି ବୋଲି କହିଛନ୍ତି। ଫିରିଙ୍ଗିଆ ମେଡିକାଲ ଅଧିକାରୀ ସାଇ ରଜତରଶ୍ମୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିନାହିଁ।




ସ୍ୱାସ୍ଥ୍ୟ ଉପ କେନ୍ଦ୍ରରେ ତାଲା ପଡିଛି।

### କୁମ୍ଭକାର ସମାଜ ମହାସଭା

**ଫିରିଙ୍ଗିଆ,୨୯।୫**

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ବରେବାଟାର ଶାସିପଦରଠାରେ କୁମ୍ଭକାର ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲ୍ୟ ବିବାହ, ଯୌତୁକ ପ୍ରଥା ରୋକିବା, ନିଶା ନିବାରଣ, ନାରୀ ଜାଗରଣ, ସମାଜ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସମାଜର ଯେଉଁ ଛାତ୍ରୀଛାତ୍ର ୧୦ମ ଓ ଯୁକ୍ତ୨ରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି, ସେମାନଙ୍କୁ କୁମ୍ଭକାର ସମାଜର ସଭାପତି ବିଶିକେଷନ ବେହେରା, ସମ୍ପାଦକ ଲଳିତ ମୋହନ ରଣା ପୁରସ୍କୃତ କରିଥିଲେ। କୁମ୍ଭକାରମାନଙ୍କୁ ନିର୍ମାଣ ଶ୍ରମିକ ଯୋଜନାରେ ସାମିଲ କରିବାକୁ ବୈଠକରେ ସ୍ୱର ଉଠିଥିଲା । ଆଗାମୀ ଦିନରେ ଏହା ଉପରେ ଜିଲା ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। କୋଷାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ନାରିନେତ୍ରୀ ସୀତା ରଣା, ପ୍ରତିମା ବେହେରା, କୁନି ବେହେରା, ସମୀକ୍ଷକ ଅରକ୍ଷିତ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

# ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୨୯।୫**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଉଦୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ମଦନ ମୋହନ ସାହୁ, ରଞ୍ଜିତ କୁମାର ନାୟକ, ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, କାର୍ଯ୍ୟକାରୀ ସଭାପତି ଡ. ଗୌରୀ ଶଙ୍କର ମହାରଣା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଲେଭଲ-୨ ସେକ୍ସନ ଅଫିସର ଏସ. ଭୀମା ରାଓ ଏବଂ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଣ୍ଟର ପ୍ରୋଗ୍ରାମର ବିଜୟ କୁମାର ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂଘର ପୂର୍ବତନ ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ସାଧାରଣ ସମ୍ପାଦକ ଡ. ଶଙ୍କର ମାଝି, ପୂର୍ବତନ ସମ୍ପାଦକ ମିହିର କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉଭୟଙ୍କ ବିଶ୍ୱବିଦ୍ୟାଳୟ ପାଇଁ ରହିଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ସଂଘ କାର୍ଯ୍ୟକାରୀ ସଦସ୍ୟ ଅଶୋକ ଖାଣ୍ଡା, ମନମୋହନ ବେହେରା, ସୁବାସ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମହାରଣା, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଭୁବନେଶ୍ୱରୀ ବେହେରା, ମହେଶ ରଞ୍ଜନ ମିଶ୍ର, ପ୍ରସନ୍ନ କୁମାର ସିଂ ଓ ଉପେନ୍ଦ୍ର କୁମାର ପାଳ ପ୍ରମୁଖ ସହଯୋଗ କରିଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଥିବା ଦୁଇ କର୍ମଚାରୀଙ୍କ ସହ ସଂଘ କର୍ମକର୍ତ୍ତା ।

# ଦାରିଙ୍ଗବାଡ଼ିରେ ୪୯ ମି.ମି. ବର୍ଷା: ୩୫କୁ ଖସିଲା ପାରଦ

**ଦାରିଙ୍ଗବାଡି,୨୯।୫(ଡି.ଏନ୍.ଏ.)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ହୋଇଛି। ୪୯ ମି.ମି. ବର୍ଷା ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବର୍ଷା ଯୋଗୁ ଗରମରୁ ଆଶ୍ୱସ୍ଥ ମିଳିଥିବାବେଳେ ପାରଦ ୩୫ ଡିଗ୍ରୀକୁ ଖସିଆସିଛି। ବୁଧବାର ପୂର୍ବଭଳି ପ୍ରଚଣ୍ଡ ଖରା ହୋଇଥିଲେ ମଧ ପାରଦ ୩୫ ଡିଗ୍ରୀରେ ରହିଛି। ମଙ୍ଗଳବାର ଅଞ୍ଚଳରେ ହଠାତ ୪୦ ରୁ ୫୦ କିମି ପବନ ବୋହିବା ସହ ବିଜୁଳି ଘଡଘଡି ସହ ବର୍ଷା ହୋଇଥିଲା। ଦାରିଙ୍ଗବାଡି ସମେତ ଗ୍ରୀନବାଡି, ଶ୍ରାନିକେତା, ସିଆଙ୍ଗବାଲି, ଭ୍ରମରବାଡି, ଦାସିଂବାଡି, ଦନେକବାଡି, ଶ୍ରାନିକେତା, ସିମନବାଡି, କିରିକୁଟି, ବାଡାବାଙ୍ଗା, ବ୍ରାହ୍ମଣୀଗାଁ, ତାଜୁଙ୍ଗିଆ, ଗଦାପୁର ଆଦି ଅଞ୍ଚଳରେ ବର୍ଷା ପବନ ହୋଇଛି। ପ୍ରବଳ ବର୍ଷା ଯୋଗୁ ଚାଷୀମାନେ ମଧ ଆଶ୍ୱସ୍ତ ଅନୁଭବ କରିବା ସହ ଚାଷକାମ ପାଇଁ ଅଣ୍ଟା ଭିଡିଛନ୍ତି।

# ଦକ୍ଷିଣପୁର ଗ୍ରାମରେ ନବବଧୂଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୯।୫**

ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ନବବଧୂ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ନବବଧୂ ଜଣକ ରୁନୀତା ଦାସ (୨୨) । ପୋଲିସ ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଥିଲା । ରୁନୀତା ୪ ମାସର ଗର୍ଭବତୀ ଥିବା ପୋଲିସ ସୂଚନା ଦେଇଛି । ନଂ. ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି ବୋଲି ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ୬ ମାସ ତଳେ ଦକ୍ଷିଣପୁରର ସରୋଜ ଦାସ ଚମାଖଣ୍ଡି ଥାନା ଟାଟା କଲୋନୀର ରୁନୀତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ମନୋମାଳିନ୍ୟ ଲାଗି ରହିଥିଲା । ଏପରିକି ମଙ୍ଗଳବାର ରୁନୀତା ଓ ତାଙ୍କ ସ୍ୱାମୀ ସରୋଜ ବଜାରକୁ ଶାଢ଼ି କିଣିବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଜାଣିବାକୁ ପାଇଛି। ବୁଧବାର ସରୋଜ କାମ କରିବାକୁ ଚାଲିଯିବା ପରେ ରୁନୀତା ଘରେ ଏକାକୀ ଥିଲେ। ସରୋଜ ଅପରାହ୍ନରେ ଖାଇବା ପାଇଁ ଆସିଥିଲେ । ଘର କବାଟ ଭିତରପଟୁ ବନ୍ଦ ଥିଲା । ସେ ଝରକା ପଟେ ରୁନୀତା ଫ୍ୟାନ୍ ହୁକ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

**■ ଆଗୁଆ ପଦକ୍ଷେପ ସତ୍ତ୍ୱେ ବଦଳିଲାନି ଚିତ୍ର**

# ରାଇକିଆ ବ୍ଲକରେ ପାନୀୟ ଜଳ ସମସ୍ୟା

**ରାଇକିଆ,୨୯।୫(ଡ଼ି.ଏନ.ଏ)**

ଖରାଦିନେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଆଗୁଆ ପଦକ୍ଷେପ ନିଆଯାଉଛି । ମାର୍ଚ୍ଚ ଆରମ୍ଭରୁ ଜଳ ସମସ୍ୟା ସମାଧାନ ପାଇଁ ଘନ ଘନ ବୈଠକ ଆୟୋଜନ କରାଯାଉଛି । ତଥାପି ରାଇକିଆ ବ୍ଲକରେ ସୁଧୁରୁନି ସମସ୍ୟା । ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ପାଣି ପାଇଁ ହାହାକାର ହେଉଛନ୍ତି ଲୋକେ । ନୂଆ ନଳକୂପ ଖୋଳାଯାଉଛି, ପୁରୁଣା ପୁନରୁଦ୍ଧାର ହେଉଛି, ପାଇପ ଯୋଗେ ପାନୀୟ ଜଳଯୋଗାଣକୁ ପ୍ରାଥମିକତା ଦିଆଯିବା ସତ୍ତ୍ୱେ ସମସ୍ୟା ଦୂର ହେଉନି। ବ୍ଲକରେ ମୋଟ ୧୩୫୨ ନଳକୂପ କାର୍ଯ୍ୟକ୍ଷମ ଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି । ୧୨ ପଞ୍ଚାୟତରେ ୨୪ଟି ପ୍ରକଳ୍ପ ମାଧ୍ୟମରେ ପାଇପ ଯୋଗେ ଜଳ ଯୋଗାଣ କରାଯାଉଥିବା କୁହାଯାଇଛି । ବାସ୍ତବ ଚିତ୍ର କିନ୍ତୁ ଅଲଗା। ବିଭିନ୍ନ ପଞ୍ଚାୟତରେ ଜଳ ସମସ୍ୟା ନେଇ ଲମ୍ବା ଅଭିଯୋଗ ରହିଛି । କେଉଁଠି ଗୋଳିଆ ପାଣି ବାହାରୁଛି ତ ଆଉ କେଉଁଠି ପ୍ରକଳ୍ପ ଖରାପ ହୋଇ ପଡ଼ିରହିଛି। ଲୋକେ ଚୁଆ ଓ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ରାଇକିଆ ସହର କଥା ଦେଖିବାକୁ ଗଲେ ବାସନ୍ତପଲ୍ଲୀ, କାଲୁମାହା, ପଞ୍ଚାୟତ ସାହି ଆଦି ଅଞ୍ଚଳକୁ ପାଣି ପହଞ୍ଚି ପାରୁନାହିଁ । କୌଣସି ସ୍ଥାୟୀ ପ୍ରକଳ୍ପ କରାଯିବା ବଦଳରେ ଖରାଦିନେ କେବଳ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଉଛି। ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଷ ଟ୍ୟାଙ୍କର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବର୍ଷ ତମାମ ଲୋକେ ଯେପରି ସୁବିଧାରେ ପାଣି ପାଇ ପାରିବେ ସେ ନେଇ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉନାହିଁ। ଚଳିତବର୍ଷ ବିଭିନ୍ନ ପଞ୍ଚାୟତ ତରଫରୁ ୩୨ଟି ନୂତନ ନଳକୂପ ଖୋଳା ଯାଇଥିଲେ ମଧ ଅନେକ ଅଞ୍ଚଳରୁ ଜଳ ସମସ୍ୟା ନେଇ ବହୁ ଅଭିଯୋଗ ଆସୁଥିବା ବିଭାଗୀୟ ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଷୋୟୀ କହିଛନ୍ତି। ଆହୁରି କିଛି ଅଞ୍ଚଳରେ ନୂଆ ନଳକୂପ ଖୋଳାଯିବା ଆବଶ୍ୟକ ରହିଥିବା କହିଛନ୍ତି। ସେହିପରି ଦୁର୍ଗମ ଗ୍ରାମଗୁଡିକରେ ମଧ ଅନୁରୂପ ସମସ୍ୟା ଲାଗି ରହିଛି । କରଡ଼ା ପଞ୍ଚାୟତର ଖିଲାବାଡ଼ି, ମାଣିକେଶ୍ୱର ପଞ୍ଚାୟତର ବାନ୍ଦାଙ୍ଗି, ସାର୍ବାପାଙ୍ଗା, ଇନ୍ଦ୍ରଗଡ଼ ପଞ୍ଚାୟତର ରତଙ୍ଗି, ଦୁବା, ସୁଗଡ଼ବାଡ଼ି ପଞ୍ଚାୟତର ରାଡାବାଲି, ଗୁମାମାହା ପଞ୍ଚାୟତର କାକଡ଼ାବଡ଼ି, ପାଡ଼ୁନବାଡ଼ି ଗ୍ରାମରେ ପାନୀୟ ଜଳ ସମସ୍ୟା ଉଦବେଗଜନକ କହିଛି । ଲୋକେ କେବଳ ଚୁଆ ଓ ଝରଣା ଉପରେ ନିର୍ଭର କରି ରହୁଛନ୍ତି।



ଚୁଆରୁ ମହିଳାମାନେ ଜଳ ସଂଗ୍ରହ କରୁଛନ୍ତି।

**■ ଦାରିଙ୍ଗବାଡ଼ିରେ ପାରମ୍ପରିକ ଶସ୍ୟ ଚାଷ ପୁନରୁଦ୍ଧାର**

# ଚାହିଦାକୁ ଦେଖି ମାଣ୍ଡିଆ ଚାଷ ପ୍ରତି ବଢୁଛି ଆଗ୍ରହ

**ଦାରିଙ୍ଗବାଡି,୨୯।୫(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଏବେ ପାରମ୍ପରିକ ଶସ୍ୟ ଚାଷର ପୁନରୁଦ୍ଧାର ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଉକ୍ତ ଅଞ୍ଚଳରେ ଜନା ଠାରୁ ଆରମ୍ଭ କରି ଶୋରିଷ, ତିଳ, ମାଣ୍ଡିଆ, କୁହେରି, କାଙ୍ଗୁ ଭଳି ଚାଷର ପୁନରୁଦ୍ଧାର କରାଯିବାକୁ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଚେତନ କରାଯାଉଛି। ଏବେ ସବୁଠାରୁ ଅଧିକା ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି ପାଇଛି। ସେହିପରି ଅଞ୍ଚଳରେ ମାଣ୍ଡିଆ ଚୁନାର ଚାହିଦା ବୃଦ୍ଧି ପାଇଛି। ମାଣ୍ଡିଆ ଏଭଳି ଏକ ଶସ୍ୟ ଯାହାର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଲୋକ ଖାଦ୍ୟ ଭାବରେ ବ୍ୟବହାର କରୁଥିବାବେଳେ, ଜାଉ ତିଆରି କରି ଖାଇଥାନ୍ତି। ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ଅନେକ ରୋଗରୁ ଏହା ସୁରକ୍ଷା ଦେଇଥାଏ। ସେହିପରି ଦାରିଙ୍ଗବାଡିକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଥିବା ବେଳେ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ମାଣ୍ଡିଆ, କାଙ୍ଗୁ, ଜନା ଆଦି କିଣି ନେଉଥିବା ବେଳେ କନ୍ଧମାଳ ହଳଦୀ ମଧ ନେଇଥାନ୍ତି। ଏହାର ଫାଇଦା ମଧ ସରକାରଙ୍କ କୃଷି ବିଭାଗକୁ ମିଳେ। ଦିନଥିଲା ଏହି ଅଞ୍ଚଳରେ ଶସ୍ୟଜନିତ ଫସଲକୁ ଚାଷୀ ଭୁଲି କେବଳ ହଳଦୀ ଉପରେ ନିର୍ଭର କରି ଅନେକ ସମୟରେ କ୍ଷତି ସହୁଥିଲେ। କିନ୍ତୁ ଏବେ ଲାଭ ଜନିତ ଫସଲ କରିବା ପାଇଁ ଚାଷୀକୁଳ ଆଗ୍ରହ ପ୍ରକାଶ କରୁଛନ୍ତି। ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବରେ ୬ଶହ ଏକର ଜମିରେ ମାଣ୍ଡିଆ ଚାଷ କରାଯିବାକୁ ଲକ୍ଷ୍ୟ କରାଯାଇଥିଲା, ଯାହାକି ସଫଳ ହୋଇଛି। କୃଷି ବିଭାଗର ସ୍ୱତନ୍ତ୍ର କ୍ଷୁଦ୍ରଦାନା କାର୍ଯ୍ୟକ୍ରମ ଯୋଜନାରେ ଏହି ଶସ୍ୟ ଚାଷକୁ ପୁନରୁଦ୍ଧାର କରାଯାଉଛି। ପାରମ୍ପରିକ ପଦ୍ଧତିରେ ଚାଷ କରାଯାଇ ଦେଶୀ ବିହନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଲୋକେ ଏହି ଚାଷକୁ ଭୁଲି ଯାଉଥିବା ବେଳେ ଏହାର ପୁନରୁଉଦ୍ଧାର ଲକ୍ଷ୍ୟ କରାଯାଉଛି। ଫଳରେ ଶତାଧିକ ପରିବାର ଏହି ଫସଲ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଗୋଟିଏ ଏକର ଜମିରୁ ୭ରୁ ୮ କୁଇଣ୍ଟାଲ ପର୍ଯ୍ୟନ୍ତ ମାଣ୍ଡିଆ ଆଦାୟ ହୋଇପାରୁଛି।



ସୂଚନାଯୋଗ୍ୟ ଯେ, ଏହି ଚାଷ ପାଇଁ ପ୍ରଥମବର୍ଷ ଭ୍ରମରବାଡି ସମେତ ସିଆଙ୍ଗବାଲି, ଦାରିଙ୍ଗବାଡି ଓ ଦନେକବାଡି ପଞ୍ଚାୟତର ମୋଟ ୩୬ ରାଜସ୍ୱ ଗ୍ରାମର ୩୩୦ ପରିବାରଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଏହି ଚାଷ ସମ୍ପର୍କରେ ତାଲିମ ସହ ବିଶେଷ କରି ଧାଡି ରୁଆ, ବିହନ ବିଶୋଧନ ବିଷୟରେ ଶିକ୍ଷା ପ୍ରଦାନ କରାଯାଇ ଅଞ୍ଚଳରେ ମାଣ୍ଡିଆ ଚାଷ ସଫଳ ରୂପାୟନ ହୋଇପାରିଥିବା ଜାଗୃତି ସମ୍ପାଦକ କୈଳାସଚନ୍ଦ୍ର ଦଣ୍ଡାପାଟ କହିଛନ୍ତି।

## ସଂକ୍ଷେପରେ

### ଭ୍ରାମ୍ୟମାଣ ଏଟିଏମ୍ ସେବା ଉଦ୍‌ଘାଟିତ

**ଛତ୍ରପୁର,୨୯।୫(ଡି.ଏନ.ଏ.):** ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ବୁଧବାର ଭ୍ରାମ୍ୟମାଣ ଏଟିଏମ୍ ସେବା ଉଦ୍‌ଘାଟିତ ହୋଇଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲାର ଯେଉଁ ସ୍ଥାନରେ ଏଟିଏମ ନ ଥିବ, ଜନଗହଳି ସ୍ଥାନ ଏବଂ ଯାତ୍ରା ଉତ୍ସବ ଅଞ୍ଚଳଗୁଡିକରେ ଏହି ସେବା ଉପଲବ୍ଧ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଭ୍ରାମ୍ୟମାଣ ଏଟିଏମରୁ ଗ୍ରାହକମାନେ ସର୍ବାଧିକ ୧୫ ହଜାର ଟଙ୍କା ଉଠାଣ କରିପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆନ୍ଧ୍ର ବ୍ୟାଙ୍କର ଡିଜିଏମ୍ ଭୁବନେଶ୍ୱର ନାୟକ, ଏଲଡିଏମ ସୁରେନ୍ଦ୍ର କୁମାର ଚୌଧୁରୀ, ଛତ୍ରପୁର ଶାଖା ପରିଚାଳକ ଅନିଲ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏପରି ସେବା ପୂର୍ବରୁ ତିତ୍‌ଲି ସମୟରେ ଉପଲବ୍ଧ କରାଯାଇଥିଲା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଫନୀ ବିପନ୍ନଙ୍କୁ ସହାୟତା




**ଛତ୍ରପୁର,୨୯।୫(ଡି.ଏନ.ଏ.) :** ସାପୋରଜି ପାଲୋଞ୍ଜୀ ଗ୍ରୁପ୍ ପକ୍ଷରୁ ପୁରୀର ଫନୀ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ପୁରୀର ଗଣ୍ଡମୁଣ୍ଡା ଭୋଇ ଓ ବିଲ ଭୋଇ ପଞ୍ଚାୟତର ଫନୀ ପ୍ରଭାବିତ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ସହ କିଟ୍ ପ୍ରଦାନ କରାଯାଇଛି। ଏଥିସହ ପାଣିରେ ବ୍ୟବହାର ପାଇଁ କ୍ଲୋରିନ୍ ବଟିକା ବଣ୍ଟାଯାଇଛି। ଏଥିରେ ସାପୋରଜି ପାଲୋଞ୍ଜୀ ପୋର୍ଟ୍ ପରିଚାଳନା ଲିମିଟେଡ୍‌ରେ ଆସୋସିଏଟ୍ ଭାଇସ ପ୍ରେସିଡେଣ୍ଟ ଜଗଦିଶ ଚନ୍ଦ୍ର ରାଉତ ନେତୃତ୍ୱ ନେଇଥିଲେ। ହାବିଟାଟ ଫର ହ୍ୟୁମାନିଟି ଇଣ୍ଡିଆ ଓ ମହାଶକ୍ତି ଫାଉଣ୍ଡେସନ ସହଯୋଗରେ ଏହି ରିଲିଫ୍ ବଣ୍ଟନ ହୋଇଥିଲା।

### ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ
### ନିର୍ବାଚନ ଫଳାଫଳ ଘୋଷଣା ପରେ ଛଟେଇ ନିର୍ଦ୍ଦେଶ




**ଭଞ୍ଜନଗର,୨୯।୫(ଡି.ଏନ.ଏ):** ଭଞ୍ଜନଗର ବିଏସ୍‌ଏନଏଲ ଠିକା କର୍ମଚାରୀଙ୍କୁ ୭ ମାସ ହେବ ବକେୟା ଦରମା ମିଳିନାହିଁ। କର୍ମଚାରୀମାନେ ହନ୍ତସନ୍ତ ହେଉଥିବାବେଳେ ବେଳେ ଗତ ୨୪ ତାରିଖରେ ୩୦ ପ୍ରତିଶତ ଠିକା କର୍ମଚାରୀ ଛଟେଇ ପାଇଁ ଭଞ୍ଜନଗର କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଆସିଥିବା ସଂଘର ନେତା ଦିଲୀପ ଜେନା ସୂଚନା ଦେଇଛନ୍ତି। ୨୩ ତାରିଖରେ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରଦିନ ଛଟେଇ ନିର୍ଦ୍ଦେଶନାମା ଆସିଛି। ଯାହାକୁ ନେଇ କର୍ମଚାରୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବକେୟା ଦରମା ପ୍ରଦାନ, କର୍ମଚାରୀ ଛଟେଇ ବନ୍ଦ , ସମସ୍ତ କର୍ମଚାରୀଙ୍କୁ ନିୟମିତ କରିବା ପ୍ରମୁଖ ଦାବି ନେଇ ଭଞ୍ଜନଗର ବିଏସ୍‌ଏନଏଲ ଠିକା କର୍ମଚାରୀମାନେ ୭ଦିନ ହେବ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପ୍ରସିଦ୍ଧ ସୀତାପୁର ଠାକୁରାଣୀ ଯାତ୍ରା ଆରମ୍ଭ

**ପାରଳାଖେମୁଣ୍ଡି, ୨୯।୫ (ସ୍ୱ.ପ୍ର.) :** ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗ୍ରାମରେ ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ୯ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ଜୁନ୍ ୪ରେ ଉଦ୍‌ଯାପିତ ହେବ। ପ୍ରତି ସନ୍ଧ୍ୟାରେ ଭକ୍ତି ସଂଗୀତ, ଓଡିଆ ଓ ତେଲୁଗୁ ନାଟକ, ତେଲୁଗୁ ନାଟକ, ଭୂତକେଳି ଆଦି ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ବୁଧବାର ପ୍ରଥମେ ଗ୍ରାମରେ ଉଜୁଡି ଦେବୀଙ୍କୁ ପରିକ୍ରମା କରାଯାଇଥିଲା ଏବଂ ପରେ ଗ୍ରାମର ୩ ଠାକୁରାଣୀ ଯଥା ମା' ସୀତାପୁରିଆଣୀ, ମା' ଜଗନ୍ନାଥପୁରିଆଣୀ ଓ ମା' ଗୋପାଳପୁରିଆଣୀଙ୍କୁ ଆବାହନ ପରେ ଗ୍ରାମ ମଧ୍ୟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ସେମାନଙ୍କୁ ସ୍ଥାପନ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ୩ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା ସମୟରେ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା।

# ବ୍ରହ୍ମପୁରରେ ସ୍ଥାପନ ହେବ ୫ ଦୁଗ୍ଧ ଏଟିଏମ୍

- ଛତ୍ରପୁର, ହିଞ୍ଜିଳିରେ ବି ସ୍ଥାପନ ଯୋଜନା
- ଗୁହାଳ ପାଇଁ ମିଳିବ ସହାୟତା

**ଛତ୍ରପୁର,୨୯।୫(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଦୁଗ୍ଧ ଉତ୍ପାଦନ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲାରୁ ଦୈନିକ ୧୬ ହଜାର ୮୮୦ ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି। ସେଥିମଧ୍ୟରେ ଗଞ୍ଜାମରୁ ୧୫ ହଜାର ଓ ଗଜପତିରୁ ୧୮୮୦ ଲିଟର ସଂଗ୍ରହ ହେଉଛି। ୨୧୨ଟି ସୋସାଇଟି ଏହାକୁ ସଂଗ୍ରହ କରୁଛି। ଦୈନିକ ୨୫ ହଜାର ଲିଟର ସଂଗ୍ରହ ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ୭୧୯୧ ଚାଷୀଙ୍କଠାରୁ ଏହି କ୍ଷୀର ସଂଗ୍ରହ କରାଯାଉଛି। ଜିଲାରେ ୨୦ଟି କ୍ଷୁଦ୍ର ଦୁଗ୍ଧ ଶୀତଳ ଭଣ୍ଡାର ରହିଛି। କ୍ଷୀର ଉତ୍ପାଦନ ବଢାଇବା ପାଇଁ ବ୍ୟାଙ୍କ ସହ ଲିଙ୍କ୍ କରି ଗାଈ ପାଇଁ ଋଣ ଦେବାକୁ ଜିଲାପାଳ କହିଥିଲେ। ଲୋକମାନଙ୍କୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆଦର୍ଶ ଗାଈଗୁହାଳ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ। ଛତ୍ରପୁରରେ ଛେଳି, ମେଣ୍ଢା, ଗାଈଙ୍କୁ ନେଇ ଏକ ପ୍ରଦର୍ଶନୀ ମେଳା କରାଯିବ। ଜୁନ ମାସରେ ଏହା କରିବାକୁ ସ୍ଥିର ହୋଇଛି। ଓମ୍‌ଫେଡ ଓ ଟାଟା କମ୍ପାନୀ ସହଯୋଗରେ ୫ଟି ଦୁଗ୍ଧ ଏଟିଏମ୍ ସ୍ଥାପନ କରାଯିବ। ଏହା ପ୍ରଥମେ ବ୍ରହ୍ମପୁର ସହରରେ ହେବ। ପରବର୍ତ୍ତୀ ସମୟରେ ଛତ୍ରପୁର ଓ ହିଞ୍ଜିଳିରେ କରାଯିବାକୁ ସ୍ଥିର ହୋଇଛି। ଜିଲାରେ ଗୋଟିଏ ବର୍ଷ ମଧ୍ୟରେ ୯୬.୯୬ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥାଏ । ସେହିପରି ବର୍ଷକୁ ୫୩ କୋଟି ୧୫ ଲକ୍ଷ ୪ହଜାର ଅଣ୍ଡା ଉତ୍ପାଦନ କରାଯାଇଥାଏ। ଏହା ଦୈନିକ ମୁଣ୍ଡପିଛା ୭୫.୪୬ ଗ୍ରାମ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ଏହାକୁ ବଢାଇବାକୁ କୁହାଯାଇଥିଲା। ସେହିପରି ମୁଣ୍ଡ ପିଛା ୧୫୧ଟି ଅଣ୍ଡା ବାର୍ଷିକ ଉପଲବ୍ଧ ହେଉଛି। ଘାସ ଚାଷ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ୨୦୦ ଏକରରେ ଘାସଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ୧୩୭ ଜଣ ଚାଷୀଙ୍କ ଦ୍ୱାରା ୧୧୫ ଏକରରେ ଘାଷ ଚାଷ କରାଯାଉଛି। ତିତଲି ବାତ୍ୟା ଓ ବନ୍ୟାରେ ୧୭୧୩ ଜଣଙ୍କ ଗୋରୁଙ୍କୁ ଖାଦ୍ୟ ଯୋଗାଇ ଦିଆଯିବାକୁ ଥିଲା। ବର୍ତ୍ତମାନ ୧୬୫୦ ଜଣକୁ ୫୦ ପ୍ରତିଶତ ରିହାତି ଦରରେ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ସିଡିଭିଓ ତ୍ରିନାଥ ନାୟକ, ବୃହତ୍ତର ଗଞ୍ଜାମ ଓ ଗଜପତି ଜିଲା ଦୁଗ୍ଧ ଉତ୍ପାଦନ ସମବାୟ ସଂଘର ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ, ଏଡିଭିଓ ରବିନାରାୟଣ ପଣ୍ଡା, ଏଡିଭିଓ ମଧୁସୂଦନ ସୁବୁଦ୍ଧି, ଛତ୍ରପୁର ଏସ୍‌ଡିଭିଓ ଅମିତାଭ ପଣ୍ଡା, ଭଞ୍ଜନଗର ଏସ୍‌ଡିଭିଓ ବନମାଳୀ ସାହୁଙ୍କ ସମେତ ୨୨ ବ୍ଲକର ପ୍ରାଣୀ ଚିକିତ୍ସକମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଗ୍ରଗତି ସମୀକ୍ଷା

**ଯୋଜନା ଅଧିକ କ୍ରିୟାଶୀଳ କରିବାକୁ ଦିଆଯିବ ପ୍ରସ୍ତାବ**

**ଛତ୍ରପୁର,୨୯।୫(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଚାଲିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଅଧିକ ସକ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ଯୋଜନା ବାବଦରେ ଜନସାଧାରଣଙ୍କ ମତାମତ ନିଆଯିବ । ସେବା ପାଇବାରେ କେଉଁଠାରେ କିଛି ଅସୁବିଧା ରହୁଥିଲେ ତାହା ଉଲ୍ଲେଖ କରାଯିବ। ସ୍ୱାସ୍ଥ୍ୟବୀମା କାର୍ଡକୁ ସ୍ମାର୍ଟକାର୍ଡ ଭଳି କରିବା, ପରିବାର ବିବରଣୀ ଏହା ମଧ୍ୟରେ ଲିପିବଦ୍ଧ ରଖିବା ଓ ଆର୍ଥିକ ସୀମାକୁ କାର୍ଡରେ ଅବଧାରଣ କରିବା ଆଦି ପ୍ରସ୍ତାବ ଜିଲା ତରଫରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସ୍ୱାସ୍ଥ୍ୟବୀମା ଯୋଜନାର ପ୍ରଚାର ପ୍ରସାରରେ ଗଞ୍ଜାମ ଜିଲା ପାଇଁ ଅନୁବନ୍ଧିତ ୧୬ଟି ହସ୍ପିଟାଲର ତାଲିକା ଜିଲା ମୁଖ୍ୟାଳୟ ଓ ବ୍ଲକଗୁଡିକରେ ପ୍ରଦର୍ଶିତ ହେବ। ବିଦ୍ୟାଳୟ ଗୁଡ଼ିକରେ ଅନୁରୂପ ସ୍ୱାସ୍ଥ୍ୟ କାର୍ଡ ପ୍ରତ୍ୟେକ ପିଲାଙ୍କୁ ପ୍ରଦାନ କରାଯିବ। ଏଥିରେ ବିଦ୍ୟାର୍ଥୀଙ୍କ ଫଟୋ ସହ କ୍ରମାଗତ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ସେବନ, ବଂଶାନୁକ୍ରମିକ ରୋଗ ଲିପିବଦ୍ଧ ହେବ। ସ୍କୁଲରେ ନିୟମିତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୟସ୍କା ଝିଅମାନେ ସେମାନଙ୍କର କୌଣସି ରୋଗକୁ ଯେପରି ନିଃସଙ୍କୋଚରେ ଶିକ୍ଷୟିତ୍ରୀମାନଙ୍କ ଆଗରେ ପ୍ରକାଶ କରିପାରିବେ ସେ ବାବଦରେ ସଚେତନ କରାଯିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ଜିଲାର ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଅନ୍ତର୍ଭୁକ୍ତ ହୋଇପାରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୬୬୦୩ ରୋଗୀଙ୍କ ମଧ୍ୟରୁ ୨୨୪୩ ଜଣଙ୍କୁ ଅଦ୍ୟାବଧି ୩ କୋଟି ୭୭ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ଚିକିତ୍ସା ରାଶି ସମ୍ପୃକ୍ତ ସଂସ୍ଥାକୁ ତୁରନ୍ତ ପ୍ରଦାନ କରିବାକୁ ଜିଲାପାଳ କହିଛନ୍ତି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ବନ ବିଭାଗର ଅଭିନବ ପ୍ରୟାସ

# ଜଙ୍ଗଲ ସୁରକ୍ଷା ପାଇଁ ମାଗଣା ଗ୍ୟାସ୍ ବଣ୍ଟନ

**ଶେରଗଡ,୨୯।୫(ଡି.ଏନ୍.ଏ.)**

ବନ ବିଭାଗ ଗ୍ରାମ୍ୟ ଜଙ୍ଗଲ ଓ ବୃକ୍ଷର ସୁରକ୍ଷା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛି। ଗ୍ରାମ ନିକଟରେ ଥିବା ଜଙ୍ଗଲର ସୁରକ୍ଷା ଓ ଗଛକଟାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବନ ସୁରକ୍ଷା ସମିତି ଜରିଆରେ ଏକ କମିଟି କରି ଗ୍ରାମବାସୀଙ୍କୁ ଉକ୍ତ ଗ୍ରାମ୍ୟ ଜଙ୍ଗଲର ଦାୟିତ୍ୱ ହସ୍ତାନ୍ତର କରିଛି। ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜଙ୍ଗଲର ସୁରକ୍ଷା ଓ ଗଛକଟା ବନ୍ଦ କରିବା ନେଇ ଗ୍ରୀନ ଇଣ୍ଡିଆ ମିଶନ ପ୍ରତିଷ୍ଠା ହୋଇଛି। ଉକ୍ତ ମିଶନ ଜରିଆରେ ଜଙ୍ଗଲ ନିକଟ ଗ୍ରାମରେ ମାଗଣାରେ ଗ୍ୟାସ ସଂଯୋଗ ସହ ସମସ୍ତ ଉପକରଣ ବଣ୍ଟା ଯାଉଛି ବୋଲି ଆଞ୍ଚଳିକ ବନ ସଂରକ୍ଷକ ସୁରେଶ ପନ୍ଥ ଶେରଗଡ ନିକଟସ୍ଥ ମଛାକୋଟ ଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି। ବୁଧବାର ଆସିକା ରେଞ୍ଜ ବନ ବିଭାଗ ପକ୍ଷରୁ ଗ୍ରୀନ ଇଣ୍ଡିଆ ମିଶନ ସହଯୋଗରେ ମଛାକୋଟ ଓ ବାଦପୁରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେଉରା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଆଞ୍ଚଳିକ ବନ ସଂରକ୍ଷକ ସୁରେଶ ପନ୍ଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସିକା ରେଞ୍ଜର ହରିହର ମଲ୍ଲିକ ଓ ପି. ସୁରଜ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜଟ ଜଙ୍ଗଲକୁ ନିଜେ ଗ୍ରାମବାସୀ ବୁଝିବେ, ପ୍ରତିଦିନ କିଛି ନା କିଛି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ପରେ ମଛାକୋଟ ଗ୍ରାମର ୬୦ ପରିବାର ଓ ବାଦପୁର ଗ୍ରାମରେ ୭୬ ପରିବାରକୁ ମାଗଣାରେ ଗ୍ରୀନ ଇଣ୍ଡିଆ ମିଶନ ପକ୍ଷରୁ ଗ୍ୟାସ ସଂଯୋଗ ସହ ସମସ୍ତ ଉପକରଣ ବଣ୍ଟନ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ବେଉରା ଓ ଆଞ୍ଚଳିକ ବନ ସଂରକ୍ଷକ ପନ୍ଥ ଏହା ପ୍ରଦାନ କରିଥିଲେ। ମଛାକୋଟ ସରପଞ୍ଚ ମଙ୍ଗୁଲୁ ପାତ୍ର, ଫରେଷ୍ଟର ଶୁଭଶ୍ରୀ ଶତପଥୀଙ୍କ ସମେତ ବହୁ ବନ କର୍ମଚାରୀ ଉପସ୍ଥିତ ଥିଲେ।



ଗ୍ୟାସ କିଟ୍ ବଣ୍ଟନ କରୁଛନ୍ତି ବନବିଭାଗ ଅଧିକାରୀ।

# ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ହିଞ୍ଜିଳିକାଟୁ,୨୯।୫(ଡି.ଏନ୍.ଏ.)**

ଭାଗବତ କଥା ବିତରଣ ପରିଷଦ ପକ୍ଷରୁ ପାଟଣାସାହି ନୃସିଂହ ମନ୍ଦିର ନିକଟରେ ଚାଲିଥିବା ରାମ ଚରିତ ମାନସ ପରାୟଣ ଓ ପ୍ରବଚନ ମଙ୍ଗଳବାର ରାତିରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ପରିଷଦ ପକ୍ଷରୁ ମୁଖପତ୍ର 'ଶାଶ୍ୱତ କଥା' ଉନ୍ମୋଚିତ ହୋଇଛି। ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ପ୍ରାଥମିକ ଓ ହାଇସ୍କୁଲସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାମ ଚରିତ କଥାମୃତରେ ପ୍ରବଚକ ଭାବେ ପଣ୍ଡିତ ସୂର୍ଯ୍ୟକାନ୍ତ ଶର୍ମା, ପାରାୟଣରେ ବ୍ୟାସ ଭାବେ ପଣ୍ଡିତ ପଦ୍ମ ଚରଣ ଦାଶ, ଧାରକ ଭାବେ ସନ୍ୟାସୀ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସାଧାରଣ ସମ୍ପାଦକ ମନୋଜ ସାହୁ, ଉପ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ଏଲ. ଶଙ୍କର ପ୍ରସାଦ ଆଚାରୀ, ପ୍ରଫେସର ରମେଶ ଚନ୍ଦ୍ର ଚୌଧୁରୀ, ବିଜୟ ପାଣିଗ୍ରାହୀ, ନୀଳ ମାଧବ ଦ୍ୟାନ ସୁମନ୍ତ, ଡ଼ା ଗଦାଧର ବେହେରା, ହରିହର ଚୌଧୁରୀ, ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା, ପୂର୍ଣ୍ଣବାସୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆୟୁଷ ଡାକ୍ତର, ଫାର୍ମାସିଷ୍ଟରେ ଚାଲିଛି ରୋଗୀସେବା

**ଗଞ୍ଜାମ,୨୯।୫(ଡି.ଏନ.ଏ.)**




ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର।

**ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର**

ଗଞ୍ଜାମ ସହରଠାରେ ବହୁ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହା ଉପରେ ଗଞ୍ଜାମ ବ୍ଲକ ସମେତ ଏନ୍‌ଏସି, ପୁରୀ ଜିଲା କୃଷ୍ଣ ପ୍ରସାଦଗଡ ଏବଂ ମାଲୁଦ ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି। ଏଥିସହିତ ଦୂରାଦୂରାନ୍ତରୁ ଗର୍ଭବତୀ ମଧ୍ୟ ଏଠାକୁ ଆସିଥାନ୍ତି। ଦୈନନ୍ଦିନ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ରୋଗୀ ଓ ୧୦ରୁ ୧୫ ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ମେଡିକାଲ ଅଫିସର ଏବଂ ଅନ୍ୟାନ୍ୟ ପଦବୀ ଖାଲି ପଡିଥିବାରୁ ସ୍ୱାସ୍ଥ୍ୟସେବାରେ ବାଧା ଉପୁଜୁଛି। ଆୟୁଷ ଡାକ୍ତର ବନୋଜକାନ୍ତ କର ଏବଂ ଫାର୍ମାସିଷ୍ଟ ଶ୍ରୀମୟ ରଥଙ୍କ ଦ୍ୱାରା ରୋଗୀସେବା ଚାଲିଛି। ଏଠାରେ ପୂର୍ବରୁ କାର୍ଯ୍ୟରତ ଡ. ଦିବ୍ୟା ମହାରଣା ଅନ୍ୟତ୍ର ବଦଳି ହୋଇଯିବାରୁ ପଦବୀ ଖାଲି ପଡିଛି। ସେହିପରି ୨୦୧୦ରେ ସିନିୟର ହେଲପର ଭାବେ କାର୍ଯ୍ୟରତ ପଦ୍ମଚରଣ ପଣ୍ଡାଙ୍କ ଦେହାନ୍ତ ପରେ ପଦବୀରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ୨୦୧୫ରେ ମହିଳା ସୁପରଭାଇଜର କାଦମ୍ବିନୀ ଦାସ ମେଡିକାଲରେ କାର୍ଯ୍ୟରତ ଥିବାବେଳେ ମୃତ୍ୟୁ ଘଟିଥିଲା। ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଉକ୍ତ ପଦବୀ ପୂରଣ ହୋଇପାରିନି। ଏଥିସହିତ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ପୁରୁଷ ଆଟେଣ୍ଡାଣ୍ଟ୍ ନରସିଂହ ମିଶ୍ରଙ୍କ ଅବସର ପରେ ଜଣଙ୍କୁ ନିଯୁକ୍ତି ଦିଆଗଲା। କିନ୍ତୁ ବହୁଦିନ ହେବ ସେ ଖଣ୍ଡଦେଉଳୀ ମେଡିକାଲରେ କାର୍ଯ୍ୟ କରୁଥିବାବେଳେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦରମା ନେଉଛନ୍ତି। ଏହା ଜିଲା ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନୀତି ବୋଲି ଚର୍ଚ୍ଚା ହେଉଛି। ପ୍ରସବ ଲାଗି ଆସୁଥିବା ଗର୍ଭବତୀଙ୍କ ପାଇଁ ଆବଶ୍ୟକ ଶଯ୍ୟାର ଅଭାବରୁ ଅଧିକାଂଶଙ୍କୁ ଅନ୍ୟତ୍ର ରେଫର କରାଯାଉଛି। ଫଳରେ ଗରିବ ଲୋକମାନେ ଛତ୍ରପୁର, ବ୍ରହ୍ମପୁର ଓ ବେସରକାରୀ ମେଡିକାଲ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଗର୍ଭବତୀଙ୍କ ଚିକିତ୍ସା ପାଇଁ ଜଣେ ଅତିରିକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଫାର୍ମାସିଷ୍ଟ ଶ୍ରୀମୟ ରଥଙ୍କୁ ପଚାରିବାରେ ଡାକ୍ତର ଓ ଅନ୍ୟାନ୍ୟ ପଦବୀ ଖାଲି ଥିବା ସ୍ୱୀକାର କରିବା ସହ ୧୦ ଦିନ ମଧ୍ୟରେ ଡାକ୍ତର ନିଯୁକ୍ତି ପାଇଁ ସିଏଚସି ମେଡିକାଲ ଅଫିସର ଡା. ସୁଧାକର ଦାସ କହିଛନ୍ତି ବୋଲି ସେ ସୂଚନା ଦେଇଥିଲେ।

# ବେଲେଶ୍ୱର ୭ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

**ଲେଜର ଶୋ, ଆମ୍ବୁଲାନ୍ସ ସେବା ଆରମ୍ଭ**

ଭଞ୍ଜନଗର ବେଲେଶ୍ୱର ଶୈବପୀଠରେ ୫ଦିନ ଧରି ଚାଲିଥିବା ୭ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ୭ ମନ୍ଦିରର ବିଗ୍ରହ ପୂଜାର୍ଚ୍ଚନା ପରେ ମନ୍ଦିର ବେଢ଼ାରେ ସ୍ଥାପନ କରାଯାଇଥିଲା। ଏହାପରେ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଉକ୍ତ ସେବାକୁ ବିଡ଼େକା ଉପ ସଭାପତି ଇଂ. ନିହାର ରଞ୍ଜନ ସାମନ୍ତରାୟ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଲେଜର ଶୋ ହୋଇଥିଲା। ଏଥିସହ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ୫ ଦିନ ଧରି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା। ପରିଚାଳନାରେ ବିଡ଼େକାର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

■ ବସ୍ ସ୍ଥାନାନ୍ତର ଯୋଜନା ବିଫଳ

# ଓଏସ୍‌ଆର୍‌ଟିସି ଠିକା କର୍ମଚାରୀଙ୍କ ଆନ୍ଦୋଳନ ୧୭ଦିନରେ

**ଭଞ୍ଜନଗର,୨୯।୫(ଡି.ଏନ.ଏ)**

ବକେୟା ଦରମା ପ୍ରଦାନ, ଭଞ୍ଜନଗର ଓଏସ୍‌ଆରଟିସି ଜୋନରୁ ଅନ୍ୟ ଜୋନକୁ ବସ୍ ସ୍ଥାନାନ୍ତର ଯୋଜନା ପ୍ରତିବାଦରେ ଠିକା କର୍ମଚାରୀମାନେ ଆଜକୁ ୧୭ଦିନ ହେବ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ମଙ୍ଗଳବାର ଏଠାରୁ ଅନ୍ୟ ଜୋନକୁ ୪ ବସ୍ ସ୍ଥାନାନ୍ତର ଯୋଜନା ହୋଇଥିଲା। ତେଣୁ ବ୍ରହ୍ମପୁରରୁ ଜଣେ ଅଧିକାରୀ ୪ଜଣ ଡ୍ରାଇଭରଙ୍କୁ ଧରି ଆସିଥିଲେ ବସ୍ ନେବାପାଇଁ। କିନ୍ତୁ କର୍ମଚାରୀଙ୍କ ବିରୋଧ ଯୋଗୁ ଉକ୍ତ ଅଧିକାରୀ ଜଣଙ୍କ ଫେରିଯାଇ ଭଞ୍ଜନଗର ପୋଲିସର ସହାୟତା ଲୋଡିଥିଲେ। ଏହାପରେ କଣ ହେଲା ଅଧିକାରୀ ଜଣଙ୍କ ଡ୍ରାଇଭରମାନଙ୍କୁ ଧରି ବ୍ରହ୍ମପୁର ଫେରିଯାଇଥିଲେ। ଏନେଇ ପୋଲିସର ମତାମତ ନିଆଯାଇ ପାରିନାହିଁ। କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ବର୍ତ୍ତମାନ ଭଞ୍ଜନଗର ଜୋନର କ୍ଷତି ପରିମାଣ ପାଖାପାଖି ଦେଢ଼ କୋଟି ଆଡକୁ ଗଲାଣି। ବିବାଦର ସ୍ଥାୟୀ ସମାଧାନ କିଭଳି ହେବ ସେନେଇ କୌଣସି କଡା ପଦକ୍ଷେପ ନିଆଯାଉନାହିଁ। ଯେଉଁଥିପାଇଁ କ୍ଷତି ପରିମାଣ କମିବା ବଦଳରେ ବଢ଼ିବାରେ ଲାଗିଛି। ପ୍ରକାଶଯେ ଭଞ୍ଜନଗର ଜୋନ ବିଗତ ଅକ୍ଟୋବର ମାସରୁ କ୍ଷତିରେ ଚାଲିଥିଲା। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଦରମା ଦେଇପାରିନଥିଲେ। ବର୍ତ୍ତମାନ କର୍ମଚାରୀମାନେ ୭ମାସର ବକେୟା ଦରମା ପାଇବାକୁ ଅଛନ୍ତି। ତେଣୁ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅପରପକ୍ଷେ ଓଏସ୍‌ଆରଟିସି ଉଚ୍ଚ କର୍ତ୍ତୃପକ୍ଷ ପୂର୍ବରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଏହି ଜୋନ ବନ୍ଦ ହେବାର ନାହିଁ। କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ଅନ୍ୟ ଜୋନରେ ନେଇ ବସ୍ ଗୁଡିକୁ ଚଳାଇବା ଯୋଜନା ହୋଇଥିଲା। କର୍ମଚାରୀମାନଙ୍କ ବିରୋଧ ଯୋଗୁ ତାହା ସମ୍ଭବପର ହୋଇପାରୁନାହିଁ।

■ କୌଳିକ ବୃତ୍ତି ବଞ୍ଚାଇ ରଖିବାକୁ ମିଳୁନି ପ୍ରୋତ୍ସାହନ

# ଦୁର୍ଦ୍ଦିନରେ କୁମ୍ଭକାର ପରିବାର

**ରାମକୃଷ୍ଣ ସାହୁ**
**କନିଷି,୨୯।୫(ଡି.ଏନ.ଏ.)**

ବର୍ତ୍ତମାନ ସମୟରେ ମାଟିପାତ୍ରର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବାକୁ ବସିଲାଣି। ଏହାର ସ୍ଥାନ ନେଇଛି ଷ୍ଟିଲ ଓ ପ୍ଲାଷ୍ଟିକ ବାସନକୁଶନ। ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କେତେକ କୁମ୍ଭକାର ପରିବାର ନିଜ କୌଳିକ ବୃତ୍ତିକୁ ଛାଡ଼ି ପାରୁନାହାନ୍ତି। ହେଲେ ସେମାନଙ୍କର ଅସୁବିଧା କେହି ବୁଝୁନାହାନ୍ତି। ସରକାର କି ପ୍ରଶାସନ ତରଫରୁ କୌଣସି ସହାୟତା ମିଳୁନାହିଁ। ଏଭଳି ଦୁର୍ଦ୍ଦିନର ସାମନା କରି ନ ପାରି କେତେଜଣ ନିଜ ପରିବାର ପ୍ରତିପୋଷଣ ପାଇଁ ପିଲାମାନଙ୍କୁ ଧରି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି ତ ଆଉ କେତେକେ ପନିପରିବା ଧରି ଗାଁକୁ ଗାଁ ବୁଲି ବିକ୍ରି କରୁଛନ୍ତି। ନ ହେଲେ ଅନ୍ୟ କିଛି କାମଧନ୍ଦା କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟପକ୍ଷରେ ଖରାଦିନ ଆସିଲେ ଥଣ୍ଡା ପାଣି ପାଇଁ ଖୋଜା ପଡ଼ିଥାଏ ମାଟି ହାଣ୍ଡି, ମାଠିଆ ଓ କଳସୀ। ସେହିପରି ପୂଜା, ବିବାହ, ବ୍ରତ ଏବଂ ଶୁଦ୍ଧିକ୍ରିୟା ଆଦିରେ ମଧ୍ୟ ଏସବୁ ମାଟି ଜିନିଷ ଦରକାର ପଡୁଥିବା ବେଳେ ତାହା ଏବେ ମିଳିବା କଷ୍ଟକର ହୋଇପଡ଼ିଛି।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ଚାନ୍ଦପୁର, ଚିକରଡ଼ା ଓ କୁକୁଡ଼ାଖଣ୍ଡି ବ୍ଲକର ଲାଠୀ ଗ୍ରାମରେ ବହୁ କୁମ୍ଭକାର ସେମାନଙ୍କ କୌଳିକ ବୃତ୍ତିକୁ ଛାଡ଼ି ପାରିନାହାନ୍ତି। ମାତ୍ର ପ୍ରୋତ୍ସାହନ ମିଳୁ ନ ଥିବା ଯୋଗୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମାନେ ମାଟିହାଣ୍ଡି, ମାଠିଆ, କୁଣ୍ଡ, ଫୁଲକୁଣ୍ଡ, ସରା, କଳସ, ଦୀପ ଆଦି ପ୍ରସ୍ତୁତ କରି ପରିବାର ଚଳାଉଛନ୍ତି। ମାଟି ହାଣ୍ଡି କିମ୍ବା ମାଠିଆ ତିଆରି କଲେ ଯେତିକି ପରିଶ୍ରମ ହେଉଛି ତାହାକୁ ବିକ୍ରି କଲେ ତା' ତୁଳନାରେ ପ୍ରାପ୍ୟ ମିଳୁନାହିଁ। ମାଠିଆର ଦାମ ଯେତିକି ତା'ଠାରୁ କମ ଦରରେ ବଜାରରେ ଅନ୍ୟାନ୍ୟ ପାତ୍ର ମିଳିପାରୁଛି। ମାଟି ପାତ୍ର ନିର୍ମାଣ କରିବା ପରେ ସ୍ଥାନୀୟ ଅଞ୍ଚଳରେ ତାହାକୁ ବିକ୍ରି କରିବା ପାଇଁ କୌଣସି ସୁବିଧା ନାହିଁ। ତେଣୁ କୁମ୍ଭକାରମାନେ ଅଟୋରେ ବଜାରକୁ ସେମାନଙ୍କ ସାମଗ୍ରୀ ନେବା ବେଳେ ଅନେକ ଜିନିଷ ଭାଙ୍ଗି ନଷ୍ଟ ହୋଇଯାଉଛି। ଫଳରେ ସେମାନେ ବହୁ କ୍ଷତିରେ ପଡୁଛନ୍ତି। କୁମ୍ଭକାର ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସହାୟତା ମିଳୁନାହିଁ ବୋଲି ଚିକରଡ଼ା ଗ୍ରାମର ହରିବନ୍ଧୁ ବେହେରା ଦୁଃଖର ସହ ପ୍ରକାଶ କରିଥିଲେ। ଆମେ ଏଠାରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ କାମ କରୁଛୁ। ସରକାରଙ୍କ ତରଫରୁ କୌଣସି ଭତ୍ତା ମିଳୁ ନାହିଁ କି ସାହାଯ୍ୟ ମିଳୁନାହିଁ। କିପରି ପରିବାର ଚଳାଇବୁ ବୋଲି ସେ କହିଛନ୍ତି। ସେହିପରି ଗ୍ରାମର ମୁଖ୍ୟ ତଥା ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି କହିଛନ୍ତି, ଦୀର୍ଘ ବର୍ଷ ବର୍ଷ ଧରି ଗ୍ରାମରେ ଏହି ବୃତ୍ତିରେ ନିୟୋଜିତ ଲୋକେ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ସେମାନଙ୍କୁ ବ୍ୟାଙ୍କ ଋଣ କି ସରକାରୀ ସହାୟତା ମିଳୁନାହିଁ। ଏଥିପ୍ରତି ସରକାରଙ୍କ ନଜର ପଡୁନାହିଁ। ବ୍ୟବସାୟ ମାନ୍ଦା ଯୋଗୁଁ ଅନେକ ପରିବାରର ଯୁବକମାନେ ଦାଦନ ଖଟିବାକୁ ଚାଲି ଯାଉଥିବା ସେ ଅଭିଯୋଗ ହେଉଛି।



କାର୍ଯ୍ୟରେ ବ୍ୟସ୍ତ ଜଣେ କୁମ୍ଭକାର ।

## ସଂକ୍ଷେପରେ

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ବ୍ରହ୍ମପୁର ଅଫିସ୍,୨୯।୫: ପୁରୁଖା ଖବରକାଗଜ ବିତରକ ଟି. ସନ୍ତୋଷ ପାତ୍ରଙ୍କ ମାତା ଟି. ଜ୍ୟୋତି ପାତ୍ରଙ୍କର ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ତୁଳସୀନଗର ଦ୍ୱିତୀୟ ଲାଇନ ସ୍ଥିତ ବାସଭବନରେ ପରଲୋକ ହୋଇଥିଲା। ତାଙ୍କ ମର ଶରୀରକୁ ବାବାଜୀତୋଟା ସାହିସ୍ଥିତ ବାସଭବନକୁ ଅଣାଯାଇଥିଲା । ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଛି। ଟି. ଜ୍ୟୋତି ଜଣେ ମେଳାପି ଓ ଧର୍ମପ୍ରାଣା ମହିଳା ଥିବାରୁ ତାଙ୍କ ମୃତ୍ୟୁ ପରେ ତଳସୀନଗର ଓ ବାବାଜୀତୋଟା ସାହିରେ ଶୋକର ଛାୟା ଖେଳିଯାଇଛି। ମରଶରୀର ନିକଟରେ ତିନି ପୁଅ ଯଥା ସନ୍ତୋଷ ପାତ୍ର, ସୁରେଶ ପାତ୍ର ଓ ସୁଦେଶ ପାତ୍ର, ୨ ଝିଅ ନିର୍ମଳା ଓ ସୁଜାତାଙ୍କ ସମେତ ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ସମସ୍ତ ବନ୍ଧୁପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ବେଳେ ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ଜ୍ୟୋତି ହେଉଛନ୍ତି ବ୍ରହ୍ମପୁର ସହରର ସର୍ବପୁରାତନ ଖବରକାଗଜ ଏଜେଣ୍ଟ ସ୍ୱର୍ଗତ ଲାଛନା ପାତ୍ରଙ୍କ ସହଧର୍ମିଣୀ ।



### ବିଦ୍ୟୁତ୍ ଆଘାତରେ ବ୍ୟକ୍ତିଙ୍କ ମୃତ୍ୟୁ

ଜେକେପୁର,୨୯।୫(ଡ଼ି.ଏନ.ଏ): ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରର ବିସିରୋଡ ପାର୍ଶ୍ୱରେ ଥିବା ଗୁରୁଦ୍ୱାର ସାହିରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡି.ଭେଙ୍କେଟେଶ୍ୱର(୫୫) । ଭୋରରେ ସେ ନିଜ ଘର ପାଖରେ ଥିବା ଗୁହାଳରେ ଗୋବର ସଫା କରୁଥିଲେ । ଏହି ସମୟରେ ସେଠାରେ ଓହଳି ଥିବା ଏକ ତାରକୁ ହଟାଇବାବେଳେ ବିଦ୍ୟୁତ ଆଘାତ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ତାଙ୍କ ପୁଅ ଡି.କରୁଣା ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

### ଦୁର୍ଘଟଣାରେ ନାବାଳକଙ୍କ ଜୀବନ ଗଲା

ବାସୁଦେବପୁର, ୨୯।୫(ଡି.ଏନ୍.ଏ.): ଭଦ୍ରକ ଜିଲା ଧାମରା-ବାସୁଦେବପୁର ରାସ୍ତାର କଇଥଖୋଲା ନିକଟ ସିଙ୍ଗାପୁର ଛକଠାରେ ବୁଧବାର ମଧ୍ୟାହ୍ନରେ ଏକ ବାଇକ୍ ଧକ୍କାରେ ଅଶୋକ କୁମାର କର ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ଅଶୋକ ହେଲେ କନକପ୍ରସାଦ ଗ୍ରାମର ଝାଡ଼େଶ୍ୱର କରଙ୍କ ପୁତ୍ର। ସେ ସାଇକେଲରେ ଘରକୁ ଯାଉଥିବା ବେଳେ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜିଆର୍ଏସ୍ଙ୍କୁ ମରଣାନ୍ତକ ଆକ୍ରମଣ

ବାସୁଦେବପୁର, ୨୯।୫(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ଜିଆର୍ଏସ୍(ଗ୍ରାମରୋଜଗାର ସେବକ) ଲମ୍ବୋଦର ଦାସଙ୍କୁ ମଙ୍ଗଳବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଗୁରୁତର ଆହତ ଜିଆର୍ଏସ୍ କିଆପଡ଼ା ଗ୍ରାମର ଲମ୍ବୋଦର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ଲମ୍ବୋଦରଙ୍କର ପଡ଼ୋଶୀ ଦମ୍ପତିଙ୍କ ସହ ବିବାଦ ଥିଲା। ଯୋଜନାବଦ୍ଧ ଭାବେ ଏହି ଦମ୍ପତି ମଙ୍ଗଳବାର ରାତିରେ ଲମ୍ବୋଦରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡ, ହାତ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ଆକ୍ରମଣକାରୀ ଦମ୍ପତିଙ୍କୁ ଏକ ଘରେ ପୂରାଇ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଦମ୍ପତିଙ୍କୁ ଉଦ୍ଧାର କରିଥିଲା।

# ବିଏସ୍ଏନ୍ଏଲ୍ ଠିକା କର୍ମଚାରୀଙ୍କ ଆନ୍ଦୋଳନ

## ୫ ମାସ ହେଲା ମିଳିନି ବେତନ

ଦିଗପହଣ୍ଡି,୨୯।୫(ଡି.ଏନ.ଏ.)

ଦିଗପହଣ୍ଡି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ) କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଠିକା କର୍ମଚାରୀଙ୍କ ଗଣଧାରଣା ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ୧୦ ଦିନରେ ପହଞ୍ଚିଛି। ୫ ମାସ ହେଲା କର୍ମଚାରୀଙ୍କୁ ବେତନ ନ ମିଳିବା ପ୍ରତିବାଦରେ ଗତ ୨୦ ତାରିଖଠାରୁ ବିଏସଏନଏଲ କାଜୁଆଲ କର୍ମଚାରୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି ବ୍ଲକ ସମେତ ଗଜପତି ଜିଲା ମୋହନା ବ୍ଲକ ଅଧୀନରେ ଥିବା ପ୍ରାୟ ୧୫ଟି ଟେଲିଫୋନ ଏକ୍ସଚେଞ୍ଜରେ କାମ କରୁଥିବା କର୍ମଚାରୀଙ୍କ ସମେତ ପ୍ରାୟ ୧୬ଟି ମୋବାଇଲ ଟାୱାରଗୁଡ଼ିକରେ କାମ କରୁଥିବା କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶ୍ରମିକ ସଂଗଠନ ଏଆଇଟିୟୁସି କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଛି। ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ମଙ୍ଗଳବାର ଗଣଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର କର୍ମଚାରୀଙ୍କ ବକେୟା ବେତନ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ କର୍ମଚାରୀ ଛଟେଇ ବନ୍ଦ କରିବା, କେନ୍ଦ୍ର ସରକାରଙ୍କ ନୂତନ ମଜୁରି ନିର୍ଦ୍ଧାରଣ କମିଟିର ସୁପାରିସ ଅନୁଯାୟୀ ସଂଶୋଧିତ ହାରରେ ମଜୁରି ପ୍ରଦାନ ପାଇଁ ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କର୍ମଚାରୀ ସଂଘ କାର୍ଯ୍ୟକର୍ତ୍ତା ବୁନ୍ଦେଶ୍ୱର ଗୌଡ଼, ରାଜ କିଶୋର ଦାସ, ସନ୍ତୋଷ ବିଶୋୟୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ସୁନୀଲ ମଲିକ, ପ୍ରଦୀପ ଗୌଡ଼, ସୀମାଞ୍ଚଳ ଗୌଡ଼, ଶଙ୍କର୍ଷଣ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଠିକା କର୍ମଚାରୀଙ୍କ ଆନ୍ଦୋଳନ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ବିନା ବେତନରେ କର୍ମଚାରୀ କାମ କରିବା ସମ୍ଭବ ନୁହେଁ ବୋଲି ସେ ସ୍ୱୀକାର କରିଛନ୍ତି।



ଗଣଧାରଣାରେ ସାମିଲ କର୍ମଚାରୀବୃନ୍ଦ।

# ଜମି ଅଧିକାର ଦାବି କଲେ ବସ୍ତି ବାସିନ୍ଦା


ପୌର କାର୍ଯ୍ୟାଳୟରେ ବସ୍ତି ବାସିନ୍ଦା ।

ହିଞ୍ଜିଳିକାଟୁ,୨୯।୫(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ୬ନଂ ୱାର୍ଡ଼ ପୁରୁଣା ଗୋରୁହାଟ ନିକଟ ବସ୍ତି ବାସିନ୍ଦା ଜମି ଅଧିକାର ଦାବି କରିଛନ୍ତି। ସେମାନେ ରହୁଥିବା ସ୍ଥାନରେ ଘର, ରାସ୍ତା ଓ ପାଇଖାନା ନିର୍ମାଣ ଦାବି ନେଇ ବୁଧବାର ବହୁ ବସ୍ତିବାସିନ୍ଦା ମ୍ୟୁନିସିପାଲିଟି ଅଫିସରେ ହୋହଲ୍ଲା କରିଥିଲେ। ଦୀର୍ଘଦିନର ଏହି ଦାବିକୁ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଥିଲେ।

ପ୍ରକାଶ ଯେ, ଓଡ଼ିଶା ସହରାଞ୍ଚଳ ବସ୍ତି ବାସିନ୍ଦା ଜମି ଅଧିକାର ନିୟମ ୨୦୧୭ ପ୍ରକାରେ ଉକ୍ତ ବସ୍ତିର ୮୦ପରିବାରକୁ ଚିହ୍ନଟ କରାଯାଇ ଜମି ଅଧିକାର ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବସ୍ତି ଅଞ୍ଚଳଟି ବାରାହୀ ପାହାଡ଼କୁ ଲାଗି ଥିବାରୁ ବାସିନ୍ଦାଙ୍କୁ ମ୍ୟୁନିସିପାଲିଟିର ନୂଆଁଗଡ଼ ମୌଜାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରି ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ମୂଳ ଜାଗାରୁ ବସ୍ତି ବାସିନ୍ଦା ହଟିବେନି ବୋଲି ଜିଦ ଧରିଛନ୍ତି। ଏହି ଦାବି ନେଇ ସେମାନେ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ଯାଇଛନ୍ତି। ନିର୍ବାଚନ ପରେ ଦାବି ଉପରେ ବିଚାର ପାଇଁ ଆଶ୍ୱାସନା ଦିଆଯାଇଥିଲା। ବୁଧବାର ମୁନିସିପାଲଟି ଅଫିସରେ ହୋହଲ୍ଲା ପରେ ହିଞ୍ଜିଳିକାଟୁ ତହସିଦାର ଗୋପୀନାଥ କୁଅଁର, ପୌର ଅଧିକାରୀ ଅଶୋକ କୁମାର ପଣ୍ଡା, ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ସରକାରୀ କର୍ମଚାରୀ ଉକ୍ତ ବସ୍ତିରେ ପହଞ୍ଚି ମାପଚୁପ କରିଛନ୍ତି। ବୁଧବାର ବସ୍ତିକୁ ରାସ୍ତା ପାଇଁ ପୌରାଞ୍ଚଳ ପକ୍ଷରୁ କାମ ଆରମ୍ଭ କରାଯାଇଛି। ପାହାଡ଼ ତଳି ହେତୁ ଉକ୍ତ ଜାଗାରେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ସମ୍ଭବ ହୋଇ ପାରିନାହିଁ। ଏଥିନେଇ ଜିଲାପାଳଙ୍କୁ ଅବଗତ କରାଯାଇ ସମାଧାନ ପନ୍ଥା ବାହାର କରାଯିବ ବୋଲି ପୌର ଅଧିକାରୀ ପଣ୍ଡା କହିଛନ୍ତି।

■ ମନ୍ଦିର ଜମିକୁ ନେଇ ବିବାଦ

# ଗ୍ରାମବାସୀ ଓମ୍ବୁଡସ୍ମ୍ୟାନଙ୍କ ଦ୍ୱାରସ୍ଥ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ରାୟଗଡା ଅଫିସ୍, ୨୯।୫

ରାୟଗଡା ଜିଲା ପଦ୍ମପୁର ବ୍ଲକ୍ ଆଖୁସିଂଗି ଗ୍ରାମରେ ଥିବା ସୀତାରାମ ସ୍ୱାମୀ ମନ୍ଦିର ଜମିକୁ ନେଇ ବିବାଦ ଦେଖାଦେଇଛି । ମନ୍ଦିର ଅଧୀନରେ ଥିବା ୨.୮୬୦ଏକର ଜମି ଦାନ ସୂତ୍ରରେ ମିଳିଥିଲା । ବର୍ତ୍ତମାନ ପୁଣି ଦାନାର୍ଥିଙ୍କ ପରିବାରବର୍ଗ ନିଜ ଅଧିନକୁ ନେବାପାଇଁ ଚେଷ୍ଟା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ମନରେଗା ଓମ୍ବୁଡସ୍ମ୍ୟାନଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ ଦାଖଲ କରିଛନ୍ତି ।

ସେମାନେ ଜଣାଇଛନ୍ତି ଯେ, ମନ୍ଦିରର ନିତିଦିନ ପରିଚାଳନା ପାଇଁ ଦାନ ସୂତ୍ରରେ ଜମି ମିଳିଥିଲା । ଜମିକୁ ଜ୍ଞାନେନ୍ଦ୍ର ଓ ଅନ୍ୟ ୪ଜଣ ବ୍ୟକ୍ତି ନିଜ ନାମକୁ ନେବା ନିମନ୍ତେ ଉଦ୍ୟମ ଚଳାଇଛନ୍ତି । କିଛିମାସ ପୂର୍ବେ ମାଳିପାରୁ ନାଇଡୁଙ୍କ ନାମରୁ ପଟ୍ଟା ପରିବର୍ତ୍ତନ କରିବା ପାଇଁ ଉଦ୍ୟମ ହୋଇଛି । ଯେଉଁ ଦାନପତ୍ର ରହିଛି ତାହା ନକଲି ବୋଲି ଦାବିକରି ଏହିଭଳି କୁଚକ୍ରାନ୍ତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜମିରୁ ଯାହା ଆଦାୟ ହେଉଛି ସେଥିରେ ମନ୍ଦିର ପରିଚାଳନା ହେଉଛି । ସେହି ଜମି ବର୍ତ୍ତମାନ ରାଜପଥ କଡରେ ଥିବାରୁ ତାହା ନିଜ ଅକ୍ତିଆରକୁ ନେଇ ବିକ୍ରି କରିବା ପାଇଁ ମସୁଧା କରାଯାଉଛି । ପୂର୍ବରୁ ପଦ୍ମପୁର ତହସିଲଦାର, ଗୁଣପୁର ଉପଜିଲାପାଳ, ରାୟଗଡା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ ହୋଇଛି । ତହସିଲଦାର ଅଭିଯୋଗର ଶୁଣାଣି କରିଥିବା ବେଳେ ପୁଣିଥରେ ଚକ୍ରାନ୍ତ କରି ଜମି ହାତେଇବା ପାଇଁ ଉଦ୍ୟମ ଚାଲିଛି । ୧୯୮୧ରୁ ଉକ୍ତ ଜମି ମନ୍ଦିର ପରିଚାଳନା ପାଇଁ ରହିଥିବା ବେଳେ ବର୍ତ୍ତମାନ କିଭଳି ପରିବର୍ତ୍ତନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପ୍ରଶ୍ନ କରିଛନ୍ତି । ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତକରି ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ମନରେଗା ଓମ୍ବୁଡସମ୍ୟାନ ବିଦୁଲତା ହୁଇକା କହିଛନ୍ତି । ଆଖୁସିଂଗି ସରପଞ୍ଚ କୌଶଲ୍ୟା ଶବର, ସମିତି ସଭ୍ୟା ଏମ୍.ସରସ୍ୱତୀ, ୱାର୍ଡସଭ୍ୟ, ଟୁନା ପ୍ରଧାନ, ମନ୍ଦିର ପରିଚାଳନା କମିଟି ପର୍ଶୁରାମ ପାଣିଗ୍ରାହୀ ପ୍ରମୁଖ ଅଭିଯୋଗ କରିଛନ୍ତି ।

### ଫେରାର ଅଭିଯୁକ୍ତ ଗିରଫ

ପଦ୍ମପୁର, ୨୯।୫ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଛତରପଦା ଗ୍ରାମର ଫେରାର ଅଭିଯୁକ୍ତ ପରମେଶ୍ୱର ମଲିକଙ୍କୁ ନାୟକାଣିଡିହୀ ଥାନା ପୋଲିସ ଘରୁ ଗିରଫ କରିଛି। ଅଭିଯୁକ୍ତ ପରମେଶ୍ୱରଙ୍କ ନାଁରେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ମାମଲା (ନଂ.୭୪/୧୫) ରୁଜୁ ହୋଇଥିଲା।

### ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ସମ୍ପର୍କିତ ତାଲିମ ଶିବିର

ମୁନିଗୁଡା, ୨୯।୫ (ଡି.ଏନ୍.ଏ.)

ମୁନିଗୁଡା ବ୍ଲକ ଅନ୍ତର୍ଗତ ସୀତାରାମପୁର ଗ୍ରାମରେ ବୁଧବାର ଅଙ୍ଗନୱାଡି କେନ୍ଦ୍ର ସହ ଜଡିତ ମାତୃ କମିଟି ସଦସ୍ୟାମାନଙ୍କୁ ନେଇ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୬ଟି ଅଙ୍ଗନୱାଡି କେନ୍ଦ୍ରରୁ ୩୦ ଜଣ ମହିଳା ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରାଯାଇଛି। ଶରୀର ଉପରେ ଜଙ୍କ୍ ଫୁଡ୍ର କୁପ୍ରଭାବ ବିଷୟରେ ଆଲୋକପାତ କରାଯାଇଥିଲା। ଛୋଟ ଦାନାଯୁକ୍ତ ଖାଦ୍ୟ ଶସ୍ୟରେ ଅଧିକ ଖାଦ୍ୟସାର ଓ ତନ୍ତୁ ଥିବାରୁ ଗର୍ଭବତୀ ମହିଳା, ଶିଶୁ ଏବଂ ସବୁ ବର୍ଗର ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ଏଗୁଡିକ ଅତ୍ୟନ୍ତ ଉପାଦେୟ । ତେଣୁ ଏ ସବୁରୁ ପ୍ରସ୍ତୁତ ଖାଦ୍ୟ ଅଭ୍ୟାସ ବୃଦ୍ଧି କରିବାକୁ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ଗୌରାଙ୍ଗ ରାଉତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ଆଞ୍ଚଳିକ କର୍ମୀ ମମତା ମହାନ୍ତି ସହାୟତା କରିଥିଲେ।

# ଆମ ପୋଲିସ ସମିତି, ବରିଷ୍ଠ ନାଗରିକ ମଞ୍ଚ ବୈଠକ

ପୁରୁଷୋତ୍ତମପୁର,୨୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତି ଓ ବରିଷ୍ଠ ନାଗରିକ ମଞ୍ଚ ବୈଠକ ବୁଧବାର ହିନ୍ଦୀ ପ୍ରଚାର ସଭାଗୃହରେ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ଏସ୍ଡିପିଓ ନିମାଇଁ ଚରଣ ସେଠୀ ପୌରହିତ୍ୟ କରି ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା, ମହିଳା ଓ ଶିଶୁଙ୍କ ସୁରକ୍ଷା, ପରିମଳ ବ୍ୟବସ୍ଥା ସୁଧାରିବା, ଆପରାଧିକ କାର୍ଯକଳାପ ରୋକିବା, ମଧ୍ୟସ୍ଥତା ମାଧ୍ୟମରେ ମାମଲାର ଫଇସଲା ସହ ସମାଧାନ କରିବା, ଅବାଧ ମଦ କାରବାର ରୋକିବା, ଟ୍ରାଫିକ ବ୍ୟବସ୍ଥା ସୁଧାରିବା, ପୁରୁଷୋତ୍ତମପୁର ସହରରେ ପବିତ୍ର ଠାକୁରାଣୀ ଯାତ୍ରା ଚାଲିଥିବାବେଳେ ସମସ୍ତେ ଯେପରି ସୁରକ୍ଷିତ ଭାବେ ମା'ଙ୍କ ଦର୍ଶନ କରିବେ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ଏସ୍ଆଇ ସୁନିଲ କୁମାର ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରଫୁଲ କୁମାର ରଥ, ଓକିଲ ସଂଘ ସଭାପତି ଜଗନମୋହନ ପଟ୍ଟନାୟକ, ବରିଷ୍ଠ ଓକିଲ ପ୍ରଦୋଷ କୁମାର ବାହିନୀପତି, ପ୍ରଭଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିରେ ବହୁ ବରିଷ୍ଠ ନାଗରିକ, ଆମ ପୋଲିସ ସମିତି ସଭ୍ୟ, ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟିର ସଦସ୍ୟ ଯୋଗ ଦେଇଥିବାବେଳେ ଥାନା କର୍ମଚାରୀ ପରିଚାଳନା କରିଥିଲେ।



ବୈଠକରେ ଆଲୋଚନା ଚାଲିଛି।

# ପୌଷ୍ଟିକ ଆହାର ସମ୍ପର୍କିତ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୨୯।୫

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୌଷ୍ଟିକ ଆହାର ସମ୍ପର୍କିତ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭକ୍ତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚ ପ୍ରତିଷ୍ଠାତା ତଥା ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ । ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ ଶିବିର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସୁସ୍ଥ ଶରୀର ପାଇଁ ଆବଶ୍ୟକ ସୁଷମଖାଦ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ୩୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ସାହୁ, ଯୁ. କାଶୀନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଠାକୁରାଣୀ ଯାତ୍ରା ଲାଗି ଭୀଷ୍ମଗିରି ଉତ୍ସବମୁଖର

ଦିଗପହଣ୍ଡି,୨୯।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ମା' ଅନ୍ନପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ୫ ବର୍ଷ ବ୍ୟବଧାନରେ ଯାତ୍ରା ହେଉଥିବାରୁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଛି। ପ୍ରଚଳିତ ନୀତି ଅନୁଯାୟୀ ଗ୍ରାମର ଠାକୁରାଣୀ ମନ୍ଦିରରେ ମା'ଙ୍କୁ ସେବା ପୂଜା ବନ୍ଦାପନା କରାଯାଇଥିଲା। ଘଣ୍ଟ, ଢୋଲ ବାଦ୍ୟବାଜଣା ଜୟ ଜୟକାର ଧ୍ୱନିରେ ମନ୍ଦିର ପରିସର କମ୍ପି ଉଠିଥିଲା। ବହୁ ସଂଖ୍ୟକ ମହିଳା ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପରେ ରାତି ପ୍ରାୟ ସାଢ଼େ ୮ଟାରେ ମା'ଙ୍କ ମସ୍ତକରୁ ଫୁଲମଣ୍ଡା ଖସିବା ପରେ ମା'ଙ୍କୁ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ମା' ସାଆନ୍ତାଣୀ ବାଦ୍ୟବାଜଣାର ତାଳେ ତାଳେ ଝୁଲି ଝୁଲି ଅସ୍ଥାୟୀ ଯାତ୍ରା ପୀଠରେ ପହଞ୍ଚିଥିଲେ। ସେବାୟତ ବି. ଡମ୍ବରୁ ରେଡ୍ଡୀ, ବି. ରାଜାରାଓ ରେଡ୍ଡୀ, ବାବୁ ରେଡ୍ଡୀ, ଜାଗିଲି ରେଡ୍ଡୀ, ଉଜ୍ୱଳ ରେଡ୍ଡୀ, ଜୟ ରେଡ୍ଡୀ, ବିଜୟ ରେଡ୍ଡୀ, ସାହେବ ରେଡ୍ଡୀ ପ୍ରମୁଖଙ୍କ ଉପସ୍ଥିତିରେ ଭୀଷ୍ମଗିରି ଓ ଜୟନ୍ତୀପୁର ଗ୍ରାମର ଜାନୀ ସମ୍ପ୍ରଦାୟ ସେମାନଙ୍କ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ଯାତ୍ରା ମହୋତ୍ସବ ପରିଚାଳନା କମିଟି ସଭାପତି ମହନ୍ତ ପଦ୍ମ ଚରଣ ଦାସ ବାବାଜୀ, ସମ୍ପାଦକ ବାଳକୃଷ୍ଣ ପଣ୍ଡା, ବିତ୍ତ ଅଧିକାରୀ ଭଗବାନ ଗୌଡ଼, ସରପଞ୍ଚ ପୀତାମ୍ବର ଗୌଡ଼ଙ୍କ ସମେତ ସମସ୍ତ ଯାତ୍ରା ପରିଚାଳକ କମିଟି କାର୍ଯ୍ୟକର୍ତ୍ତା ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଯାତ୍ରା ପରିଚାଳନା ପାଇଁ ପ୍ରତି ସାହିରେ କମିଟି ଗଠନ କରାଯାଇଛି। ୧୩ ଦିନ ବ୍ୟାପି ଅନୁଷ୍ଠିତ ଯାତ୍ରା ପାଇଁ ରାମଦୋଳି, ମୀନା ବଜାର ଖୋଲିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସମସ୍ତ ସାହି ବସ୍ତି ଝଲସି ଉଠିଛି। ଅସ୍ଥାୟୀ ଯାତ୍ରା ପୀଠରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

# ପାଣି ଭିତରେ ଗୋଷ୍ଠୀ ଶୌଚାଳୟ

ରାୟଗଡା ଅଫିସ୍, ୨୯।୫

ରାୟଗଡା ଜିଲାରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ ଧର୍ମକୁ ଆଖିଠାର ସଦୃଶ ହୋଇଛି । କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଏହା ଠିକ୍ ଭାବେ ନିର୍ମାଣ ହୋଇ ନ ଥିବା ବେଳେ ବ୍ୟବହାର ହେଉନାହିଁ । କେବଳ ଠିକାଦାରଙ୍କୁ ପୋଷିଲା ଭଳି ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି । ଯାହାକି ରାୟଗଡା ସହର ଭିତରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟରୁ ସ୍ପଷ୍ଟଭାବେ ନଜରକୁ ଆସିଛି ।

ସହରର ଜିସିଡି ପଡିଆ ଓ ମଝିଘରିଆଣୀ ମନ୍ଦିର ନିକଟରେ ପୌର ପରିଷଦ ପକ୍ଷରୁ ନିର୍ମିତ ହୋଇଥିବା ଶୌଚାଳୟ କାର୍ଯ୍ୟରେ ଲାଗୁନାହିଁ । ନିର୍ମାଣରେ ବ୍ୟାପକ ତ୍ରୁଟି ଯୋଗୁ ଏହା କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହୋଇଛି । ଏହି ଦୁଇ ସ୍ଥାନରେ ଯେଉଁ ଶୌଚାଳୟ ନିର୍ମାଣ ହୋଇଛି ତାହା ପାଣି ଭିତରେ ରହୁଛି । ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣିରେ ଶୌଚାଳୟ ବୁଡିଯାଉଛି । ପୌର ପରିଷଦ ପକ୍ଷରୁ ରକ୍ଷଣାବେକ୍ଷଣ ମଧ୍ୟ କରାଯାଉନାହିଁ । ଜିସିଡି ପଡିଆରେ ନିର୍ମିତ ୬ଟି ଶୌଚାଳୟ ପାଇଁ ପ୍ରାୟ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ପଡିଆକୁ ଆସୁଥିବା କ୍ରୀଡାବିତ୍ମାନେ ଏହାର ବ୍ୟବହାର କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା । ଉଦ୍ଘାଟନର ପ୍ରାୟ ୮ ମାସ ବିତିଯାଇଥିଲେ ମଧ୍ୟ ଗୋଟିଏ ଦିନ ମଧ୍ୟ ଏହା ଖୋଲାଯାଇନାହିଁ । ସାମାନ୍ୟ କାଳବୈଶାଖୀ ବର୍ଷାରେ ଶୌଚାଳୟ ବୁଡି ରହୁଛି । ସେହିଭଳି ମଝିଘରିଆଣୀ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ବ୍ୟବହାର ନିମନ୍ତେ ସେଠାରେ ମଧ୍ୟ ୬ଟି ଶୌଚାଳୟ ନିର୍ମାଣ କରାଯାଇଛି । ଏହାର ଅଟକଳ ମୂଲ୍ୟ ୨୦ଲକ୍ଷ ଟଙ୍କା ହୋଇଥିଲା । ପୌର କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ମନ୍ଦିରଠାରୁ ବହୁ ଦୂରରେ ଶୌଚାଳୟ ନିର୍ମାଣ କରାଯାଇଥିଲା । ଏହି ଶୌଚାଳୟର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବ୍ୟବହାର ଉପଯୋଗୀ ହେଉନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିମ୍ନମାନର କାମକୁ ସହାୟତା କରି ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଫଳରେ କିଭଳି ସ୍ୱଚ୍ଛ ଭାରତ ଯୋଜନା ଚାଲିଛି ତାହା ସ୍ପଷ୍ଟ ଅନୁମେୟ ।


ପାଣି ଭିତରେ ଥିବା ଶୌଚାଳୟ ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଗୁରୁବାର, ମେ ୩୦/୨୦୧୯ Berhampur, Thursday, May 30/ 2019



ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
In Campus Hostel & Tutorials
SPECIAL FEATURES
❖ Expert & Experienced Faculties ❖ Flexible Fees Structure ❖ Transport Facilities
❖ E-Library with DELNET ❖ Doubt Clearing Classes ❖ Spoken English
❖ Scholarship for SC & ST Students ❖ Separate Furnished Hostel both Boys & Girls
❖ Modern Teaching Methodology
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984


## ଚିକିଟି ଫାଣ୍ଡି ଇଲାକାରେ ଲୁଟେରାଙ୍କ ପ୍ରାଦୁର୍ଭାବ

ଚିକିଟି, ୨୯।୫(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଇଲାକାରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। କିନ୍ତୁ ପୋଲିସ୍ ଲୁଟାରାମାନଙ୍କୁ କାବୁ କରିବାରେ ବିଫଳ ହୋଇଛି। ମଙ୍ଗଳବାର ମଧ୍ୟରାତ୍ରିରେ ପାଣ୍ଡିରି ଗ୍ରାମ ଅରକ୍ଷିତ ବେହେରାଙ୍କ ଘରେ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରାରୁ ୨୮ ହଜାର ୫୦୦ ଟଙ୍କା ସହ କିଛି ଆସବାବପତ୍ର ଲୁଟି ନେଇଛନ୍ତି। ବୁଧବାର ସକାଳୁ ଅରକ୍ଷିତଙ୍କ ପକ୍ଷରୁ ଚିକିଟି ଫାଣ୍ଡିରେ ଲିଖିତ ଅଭିଯୋଗ ହେବାପରେ ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସେହିପରି ଗତ ୪ ତାରିଖ ମଧ୍ୟରାତିରେ ଉକ୍ତ ଗ୍ରାମର ନାରାୟଣ ସାହୁଙ୍କ ଘରୁ ୫ ଭରି ସୁନା ଓ ନଗଦ ୭ ହଜାର ଟଙ୍କା, ଏକ ମୋବାଇଲ୍ ଚୋରି ଅଭିଯୋଗରେ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଓଆଇସି ଜ୍ଞାନରଞ୍ଜନ ସେଠୀ, ଫାଣ୍ଡି ଅଧିକାରୀ ବିଜୟ ଚନ୍ଦ୍ର ପ୍ରଧାନ ପହଞ୍ଚି ତଦନ୍ତ କରି କରିଥିଲେ। କିନ୍ତୁ ଉକ୍ତ ଘଟଣା ଦୀର୍ଘ ୨୫ ଦିନ ବିତିଯାଇଥିଲେ ସୁଦ୍ଧା ଲୁଟେରାମାନେ ଗିରଫ ହୋଇନାହାନ୍ତି। ସେହିଭଳି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛୋଟବଡ ଘଟଣା ଘଟିଥିବା ନଜର ରହିଛି। ଏ ସମ୍ପର୍କରେ ଚିକିଟି ଫାଣ୍ଡି ଅଧିକାରୀ ସହ ଯୋଗାଯୋଗ ବେଳେ ଏହାର ତଦନ୍ତ କରି ଶୀଘ୍ର ଲୁଟେରାଙ୍କୁ କାବୁ କରାଯିବ ବୋଲି କହିଛନ୍ତି। ତେବେ ପୋଲିସ୍ ପାଟ୍ରୋଲିଂ ଅଭାବରୁ ଏହିଭଳି ଘଟୁଥିବା ଲୋକେ କହୁଛନ୍ତି।


APPLY ONLINE : www.asbm.ac.in
ASBM Bhubaneswar
ACBSP ACCREDITED USA
ADMISSION 2019
13th Batch BBA (Hons.)
Recognised by Govt. of Odisha & Affiliated to Utkal University
Globally Accredited B-School Environment | In-Campus Hostels for Boys & Girls | College Bus for Day Scholars | International Immersion Programme
Eligibility : +2 in any stream | Students awaiting +2 result can also apply
Last Date to apply : 31-05-2019 | Entrance Test : 03-06-2019
Toll Free: 1800 3456 5855 ☎ 0674 2744881 | 2744882 | 8763127020


## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବୃଦ୍ଧ ମୃତ, ରାସ୍ତାରୋକୋ

ଆର.ଉଦୟଗିରି, ୨୯।୫ (ଡି.ଏନ.ଏ.)- ଗଜପତି ଜିଲା ଆର.ଉଦୟଗିରି ଥାନା ଶାନ୍ତିନଗର ପାଣସାହି ନିକଟରେ ବୁଧବାର ପୂର୍ବାହ୍ନରେ ଏକ ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଲ୍ଲୀ ଗ୍ରାମର ମାଣିକ ଦଳ ବେହେରା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ପରିମଳ-ଆର.ଉଦୟଗିରି ରାସ୍ତା ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୫ଟା ଯାଏ ଅବରୋଧ କରିଥିଲେ। ପ୍ରକାଶ ଯେ, ମାଣିକ ପରିମଳ ଛକରୁ ନିଜ ଗ୍ରାମକୁ ଚାଲି ଚାଲି ଆସୁଥିବା ବେଳେ କେନ୍ଦୁଗୁଡା ଅଞ୍ଚଳରୁ ଏକ ବୋଲେରୋ (ନଂ.ଓଆର୦୭ଭି-୩୧୨୩) ପରିମଳ ହାଟପଦାରେ ପାର୍କିଂ ପାଇଁ ଯାଉଥିଲା। ଶାନ୍ତିନଗର ପାଣସାହି ନିକଟରେ ବୋଲେରୋଟି ମାଣିକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ମୃତଦେହ ରଖି ପରିମଳ-ଆର.ଉଦୟଗିରି ରାସ୍ତା ଅବରୋଧ କରିଥିଲେ। ଥାନାଧିକାରୀ କୁଳମଣି ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ଗମାଙ୍ଗଙ୍କୁ ଡାକି ଗ୍ରାମବାସୀଙ୍କୁ ସ୍ଥାନୀୟ ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିବା ସହ ଆର.ଉଦୟଗିରି ଥାନାରେ ନଂ.୫୭/୧୯ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ମେଡିକାଲକୁ ପଠାଯାଇଛି। ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି।

### ■ ମୋରମ ଚୋରା ଚାଲାଣକୁ ବିରୋଧକଲେ ଗ୍ରାମବାସୀ

## ହିଟାଚି ସହ ୨ ଟ୍ରାକ୍ଟର ଜବତ

ଜଗନ୍ନାଥପ୍ରସାଦ, ୨୯।୫(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ କାଦୁଆ ପଞ୍ଚାୟତର ଯୋଡ଼ବନ୍ଧ ସରକାରୀ ଜମିରୁ ମଙ୍ଗଳବାର ରାତିରେ ମୋରମ ଚୋରା ଚାଲାଣ କରୁଥିବା ବେଳେ ଗ୍ରାମବାସୀ ଟ୍ରାକ୍ଟରକୁ ଅଟକାଇ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ପହଞ୍ଚି ଗୋଟିଏ ହିଟାଚି ଓ ୨ଟି ଟ୍ରାକ୍ଟର ଜବତ କରି ତହସିଲ କାର୍ଯ୍ୟାଳୟକୁ ପଠାଇଛି।

ପ୍ରକାଶ ଯେ, କିଛିଦିନ ହେଲା ଉକ୍ତ ଜମିରୁ ମୋରମ ଏକ ହିଟାଚି ମାଧ୍ୟମରେ ତାଡି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଥିଲା। ଗ୍ରାମବାସୀ ଏହାକୁ ବିରୋଧ କରିବା ସତ୍ତ୍ୱେ ରାତିରେ ଚୋରା ଚାଲାଣ ହେଉଥିଲା। ମଙ୍ଗଳବାର ରାତିରେ ସ୍ଥାନୀୟ ଲୋକେ ଦୁଇଟି ମୋରମ ଟ୍ରାକ୍ଟରକୁ ଅଟକାଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ସ୍ଥାନୀୟ ତହସିଲଦାର ବାସୁଦେବ ପାଣ୍ଡେଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ବରିଆଲ ମୁର୍ମୁ, ଗେରେଡା ଆରଆଇ ସୀମାଞ୍ଚଳ ମଲ୍ଲିକ, କାଦୁଆ ଅମିନ ସୁଶାନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ହିଟାଚି ଓ ଟ୍ରାକ୍ଟର ଜବତ କରି ତହସିଲ କାର୍ଯ୍ୟାଳୟକୁ ପଠାଇଥିଲେ। କିଛି ଦିନ ହେଲା ଉକ୍ତ ସ୍ଥାନରୁ ରାତିରେ ୧୦/୧୫ ଟ୍ରାକ୍ଟର ମୋରମ ମାଟି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଯେଉଁମାନେ ମୋରମ ଚୋରା ଚାଲାଣ କରୁଥିଲେ ତାଙ୍କ ଉପରେ ପ୍ରଶାସନ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଗ୍ରାମବାସୀଙ୍କ ନଜର ଥିବା କହିଛନ୍ତି। ଏ ନେଇ ତହସିଲଦାର ପାଣ୍ଡେ ଜରିମାନା ଆକାରରେ ୯୦ ହଜାର ଟଙ୍କା ଆଦାୟ ହୋଇଥିବା କହିଥିବା ବେଳେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ଜବତ ହିଟାଚି ଓ ଟ୍ରାକ୍ଟର।

## ପଲିଥିନରେ ପୋତିହେଲାଣି ଡ୍ରେନ


ଜମା ହୋଇଥିବା ପଲିଥିନ ଓ ଆବର୍ଜନା।

ଜଗନ୍ନାଥପ୍ରସାଦ, ୨୯।୫(ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ଲକ୍ଷ୍ମୀବଜାର ପାର୍ଶ୍ୱରେ ଥିବା ଡ୍ରେନର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତା କଡରେ କୁଢକୁଢ ଅଳିଆ ଆବର୍ଜନା ଜମି ରହୁଥିବା ଦେଖିବାକୁ ମିଳୁଛି। ଏଠି ପ୍ରଭାବହୀନ ହୋଇପଡିଛି ସରକାରଙ୍କ କଟକଣା। ଛୋଟବଡ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ସବୁଠି ପଲିଥିନ୍‌ର ବହୁଳ ବ୍ୟବହାର ହେଉଛି। ଏପରିକି ଚା, ଲସି ଓ ଜଳଖିଆ ଦୋକାନରେ ପଲିଥିନ୍ ଓ ପ୍ଲାଷ୍ଟିକ କପ୍‌ର ବ୍ୟବହାର ହେଉଛି। ରାସ୍ତାଘାଟରେ ପଡିଥିବା ପଲିଥିନ ଖାଇ ଗୋରୁମାନେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ପଲିଥିନ୍ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି ସରକାର, କିନ୍ତୁ ବ୍ୟବସାୟୀମାନେ ଖାତିର କରୁନାହାନ୍ତି। ଫଳରେ ଜଗନ୍ନାଥପ୍ରସାଦ ଲକ୍ଷ୍ମୀବଜାର ସ୍ଥିତ ବିଦେଶୀ ମଦ ଦୋକାନ ସାମ୍ନା ଦେଇ ଯାଇଥିବା ଡ୍ରେନରେ କୁଢକୁଢ କାଚବୋତଲ, ପ୍ଲାଷ୍ଟିକ, ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ଡ୍ରେନ୍ ଭିତରେ ପଡିବାରୁ ସାମାନ୍ୟ ବର୍ଷା ହେଲେ ଡ୍ରେନ୍ ପାଣି ରାସ୍ତାରେ ଭାସୁଛି। ୫୦ ମାଇକ୍ରୋନ୍‌ରୁ ଅଧିକ ପଲିଥିନ୍ ବ୍ୟବହାର ହୋଇପାରିବ ବୋଲି ଦେଶର ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ଅଞ୍ଚଳରେ ତାହା କାର୍ଯ୍ୟକାରୀ ହେଉନାହିଁ। ସ୍ଥାନୀୟ ପ୍ରଶାସନ ଏନେଇ ନୀରବଦ୍ରଷ୍ଟା ସାଜିଛି। ଲୋକଙ୍କୁ ସଚେତନ କରିବାକୁ କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରତ୍ୟେକ ବର୍ଷ ଲକ୍ଷ୍ମୀ ବଜାରରେ ବର୍ଷାଦିନେ ଡ୍ରେନେଜ ସମସ୍ୟା ଯୋଗୁ ପାଣି ଘରେ ପଶୁଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଜଳ ନିଷ୍କାସନ ଏକ ବଡ ସମସ୍ୟା ହେବ ବୋଲି ଏବେଠୁ ଜଣାପଡିଲାଣି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳକୁ ପଲିଥିନ ବଳୟରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କଙ୍କୋରଡ଼ା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଅଚଳ

ପାଟପୁର, ୨୯।୫(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ପଞ୍ଚାୟତରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅଚଳାବସ୍ଥାରେ ପଡ଼ି ରହିଛି। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସଫଳ ରୂପାୟନ ଓ ପରିଚାଳନା ସହ ସମସ୍ତ ଯୋଜନାର ଠିକ୍ କାର୍ଯ୍ୟକାରିତା ପାଇଁ ସରକାର ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ପାଇଁ ୧୦ ଲକ୍ଷରୁ ଅଧୀକ ଟଙ୍କା ଅନୁଦାନ ଦେଇଥିଲେ। କିନ୍ତୁ ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ପଞ୍ଚାୟତରେ ଏହି ସେବାକେନ୍ଦ୍ର ଗୃହ ଅକାମିଆ ହୋଇ ପଡ଼ିଛି। ଦୀର୍ଘ ୫ ବର୍ଷ ହେଲା ନିର୍ମାଣ ସତ୍ତ୍ୱେ ଏପର୍ଯ୍ୟନ୍ତ କାର୍ଯ୍ୟରେ ଲାଗି ନାହିଁ। ଯେଉଁ ଲକ୍ଷ୍ୟ ନେଇ ଏହି ସେବାକେନ୍ଦ୍ର ଗୃହ ନିର୍ମାଣ ହୋଇଥିଲା ତାହା କେବଳ ସଫଳ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ମାଣ ପରେ ଥରେ ଦୁଇଥର ଏଠାରେ ସଭା ହୋଇଥିବା ବେଳେ ଆଉ ତାହା ଖୋଲି ନ ଥିବା ଜଣାପଡ଼ିଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୧ କିମି ଦୂରରେ ସଭାଗୃହ ପୋଖରୀ ପାର୍ଶ୍ୱରେ ନିର୍ମାଣ ହୋଇଥିବା ବେଳେ ନିରୋଳା, ନୀକାଞ୍ଚନ ସ୍ଥଳ ହେତୁ ଏଠାରେ ମଦ୍ୟପ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହେଉଛି। ଅଦ୍ୟାବଧି ଏହି ଗୃହକୁ ବିଦ୍ୟୁତ୍ ସଂଯୋଗ ଲାଗି ପ୍ରଶାସନର ଉଦ୍ୟମ ଅଭାବ ଦେଖାଦେଇଛି। ତେବେ ପଞ୍ଚାୟତବାସୀଙ୍କ ଲାଗି ନିର୍ମିତ ହୋଇଥିବା ଏହି ସେବାକେନ୍ଦ୍ର ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମ କରିବାକୁ ବହୁ ଲୋକେ ଦାବି କରିଛନ୍ତି।


ଅଚଳ ରାଜୀବ ଗାନ୍ଧୀ ସେବାକେନ୍ଦ୍ର।

## ଅପମୃତ୍ୟୁ ମାମଲା ରୁଜୁ

ଆସିକା, ୨୯।୫(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ ମୁକୁନ୍ଦପୁର ଆଳିପୁର ବଡନଦୀ ହିଡ କଡରୁ ମଙ୍ଗଳବାର ସନ୍ଧ୍ୟାରେ ନୂଆଗାଁର ସଞ୍ଜୟ ବେହେରାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ବୁଧବାର ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଏହା ଏକ ହତ୍ୟା ବୋଲି ଅନୁମାନ କରାଯାଇଥିଲା। କିନ୍ତୁ ତଦନ୍ତରେ ମୃତକ ଜଣକ ନିଶାସକ୍ତ ଅବସ୍ଥାରେ ହିଡକୁ ତଳକୁ ପଡିଯାଇ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ମୃତକଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ଅଭିଯୋଗ କ୍ରମେ ଆସିକା ଥାନାରେ ନଂ.୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି, ୨୯।୫ (ଡି.ଏନ.ଏ.)

ପାଟପୁର ନଡ଼ିଆଡ଼ିଅ ସାହିର ପାନ ଦୋକାନୀ ରୋହିତ କୁମାର ସ୍ୱାଇଁଙ୍କୁ ମଦ ବିକ୍ରି ଅଭିଯୋଗରେ ବୁଧବାର ସକାଳେ ପୋଲିସ କୋର୍ଟଚାଲାଣ କରିଛି। ଅଭିଯୋଗ ଭିତ୍ତିରେ ପୋଲିସ ପାନ ଦୋକାନରେ ଚଢ଼ାଉ କରିଥିଲା। ରୋହିତଙ୍କ ନିକଟରୁ ୮୫ଟି ଚୋରା ଦେଶୀ ମଦ ପାଉଚ ଜବତ ହୋଇଛି। ନଂ. ୧୦୭/୧୯ରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପି.କେ ପଟ୍ଟନାୟକ ଜଣାଇଛନ୍ତି।

## ଅଚଳ ହୋଇ ପଡ଼ିଛି ପାନୀୟ ଜଳ ପ୍ରକଳ୍ପ

### ହେଉ ନାହିଁ ବିଦ୍ୟୁତ୍ ସଂଯୋଗ


ଘୋଳପୁର ଜଳଯୋଗାଣ ପ୍ରକଳ୍ପ।

ବୁଗୁଡ଼ା, ୨୯।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଘୋଳପୁର ଗ୍ରାମରେ ପ୍ରାୟ ୬ ମାସ ହେଲା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସରିଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଯୋଗୁ ଉକ୍ତ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜଳସ୍ତର କମିବା ପରିଲକ୍ଷିତ ହୋଇଛି। ଖରାଦିନରେ ଲୋକେ ଜଳକଷ୍ଟରୁ ମୁକ୍ତି ପାଇବାକୁ ବିଶୁଦ୍ଧ ପାନୀୟ ଜଳ ଆଶା କରୁଥିବା ବେଳେ ଏହି ପ୍ରକଳ୍ପ ଏବେ କାମରେ ଆସୁନାହିଁ। ଘୋଳପୁର ଗ୍ରାମରେ ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ୫୫ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେଲା। ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ପାଇଁ ପାଇପ ବିଛାଗଲା ଏବଂ ଜଳ ଯୋଗାଣ ନିମନ୍ତେ ବୋର ଖୋଳାଯିବା ସହ ପମ୍ପ ହାଉସ ନିର୍ମାଣ ହୋଇଛି। ଏଥିସହ ବିଦ୍ୟୁତ୍ ଲାଇନ କାମ ମଧ୍ୟ ସରିଛି। କେବଳ ବିଦ୍ୟୁତ୍ ସଂଯୋଗ ନ ହେବା ଯୋଗୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଖରାରେ କୂଅ ପୋଖରୀ ଶୁଖିଲାଣି ଏବଂ ଗାଁରେ ଯେତୋଟି କୂପ ଅଛି, ସେଥିରୁ ପାଣି ବାହାରିବା କଷ୍ଟକର ହେଉଛି। ସବୁ କାମ ସରିଥିବା ସତ୍ତ୍ୱେ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇ ସମସ୍ୟାର ସମାଧାନ କରିବାକୁ ଲୋକେ ଦାବି କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହାରଣା ଓ ସନ୍ତୋଷ କୁମାର ଦାଶଙ୍କୁ ପଚାରିବାରୁ ସବୁ କାମ ସରିଯାଇଛି, ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି।

## ଭୁଜାଲି ଦେଖାଇ ବାଇକ୍ ଆରୋହୀଙ୍କଠାରୁ ଲୁଟ୍

ଛତ୍ରପୁର, ୨୯।୫(ଡି.ଏନ.ଏ.)

ଚମାଖଣ୍ଡି ଥାନା ମାୟାପାଟଣା ନିକଟରେ ବୁଧବାର ଦିନ ଦ୍ୱିପହରରେ ଭୁଜାଲି ଦେଖାଇ ଜଣେ ବାଇକ ଆରୋହୀଙ୍କଠାରୁ ଲୁଟ୍ ହୋଇଛି। ଲୁଟର ଶିକାର ହୋଇଛନ୍ତି ଶିବ ପ୍ରସାଦ ସ୍ୱାଇଁ। ସେ ଗଞ୍ଜାମ ବ୍ଲକ ହୁମ୍ମାରୁ ବ୍ରହ୍ମପୁରକୁ ଅଭିମୁଖେ ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ମାୟାପାଟଣା ନିକଟ ଜାତୀୟ ରାଜପଥରେ ୩ ଦୁର୍ବୃତ୍ତ ବାଇକରେ ଆସି ଅଟକାଇ ଥିଲେ। ସେମାନେ ଭୁଜାଲି ଦେଖାଇବାରୁ ଶିବ ଭୟଭୀତ ହୋଇପଡିଥିଲେ। ପରେ ଦୁର୍ବୃତ୍ତମାନେ ଶିବଙ୍କ ସୁନା ଚେନ୍, ମୁଦି, ମୋବାଇଲ ଫୋନ୍ ଓ ମନିପର୍ସ ଛଡାଇ ନେଇଯାଇଥିଲେ। ମନିପର୍ସରେ ୧୦ ହଜାର ଟଙ୍କା ସହ ବ୍ୟାଙ୍କ ଏଟିଏମ କାର୍ଡ ଓ ବିଭିନ୍ନ କାଗଜପତ୍ର ରହିଥିଲା। ଦୁର୍ବୃତ୍ତମାନେ ଶିବଙ୍କ ବାଇକ୍ ଚାବିକୁ ମଧ୍ୟ ଛଡ଼ାଇ ନେଇ ବ୍ରହ୍ମପୁର ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ନେଇ ଶିବ ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫/୧୯) ରୁଜୁ କରିଛି। ଥାନା ଅଧିକାରୀ ସହଦେବ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ରାସ୍ତା ନିକଟରେ ଥିବା ଦୋକାନର ସିସି ଟିଭି ଯାଞ୍ଚ କରାଯାଇଛି। ହେଲେ ଲୁଟେରାଙ୍କ ସମ୍ପର୍କରେ ପୋଲିସ ଟେର୍ ପାଇ ପାରି ନଥିବା ଜଣାପଡିଛି।


TRUE VALUE
MARUTI SUZUKI
DON'T SWEAT THIS SUMMER!
Don't face the scorching heat this summer. Get yourself a quality pre-owned car from True Value and make your drive comfortable.



Wide range of cars to choose from.
₹ 1,00,000/- Onwards ALTO 105 - UNITS
₹ 1,80,000/- Onwards WAGONR 71 - UNITS
₹ 3,00,000/- Onwards CELERIO 26 - UNITS
₹ 2,80,000/- Onwards SWIFT 52 - UNITS
*FREE MGA worth ₹5000 on every Maruti Car Booking.
*FREE full tank fuel on every Non Maruti Car Booking.
Download the App here.
Please check out our complete range on True Value App and Website.
TRUE VALUE CERTIFIED CARS | HASSLE-FREE DOCUMENTATION | VERIFIED CAR HISTORY | UP TO 1 YEAR WARRANTY & 3 FREE SERVICES
For enquiry, SMS TRUE to 53636 | Call at 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED
SKY AUTOMOBILES
BERHAMPUR: 7381269000
*Terms and conditions apply. Accessories colors features shown may not be part of standard equipment. For further enquiry please consult your nearest Maruti Suzuki True Value outlet. Availability of used cars are based upon the stock availability across Odisha. Car model and accessories shown may vary from the actual product. Images are used for creative representation purposes only. #Free MGA worth ₹5000/- on every Maruti Car Booking and Free Full Tank Fuel worth ₹3000/- on every Non-Maruti Car Booking. Offers are valid till 31st May, 2019.



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ